

ସେନା କାହାର ବ୍ୟକ୍ତିଗତ ନୁହେଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଥିଲାବେଳେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୦ ଦିନିଆ ଛୁଟି କଟାଇବା ଲାଗି ଆଇଏନ୍ଏସ୍ ବିରାଟକୁ ବ୍ୟକ୍ତିଗତ ଟ୍ୟାକ୍ସିଭାବେ ବ୍ୟବହାର କରିଥିଲେ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଭାରତର ସୁରକ୍ଷା ସହ ସେ ଖେଳ ଖେଳିଥିବା ମୋଦି ରାମଲୀଳା ମୈଦାନରେ ଅନୁଷ୍ଠିତ ନିର୍ବାଚନ ର୍ୟାଲିରେ କହିଛନ୍ତି ।

## ସଂକ୍ଷେପରେ

### ପ୍ରଶାସନିକସ୍ତରରେ ନୂଆ ନିଯୁକ୍ତି

ଭୁବନେଶ୍ୱର,୮।୫(ବ୍ୟୁରୋ): ଆଇଏଏସ୍ ଅଫିସର ସୁଶୀଲ କୁମାର ଲୋହାନି ଅବକାରୀ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ଫନୀ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ଏବଂ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟରେ ମଧ ସେ ତଦାରଖ କରିବେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ଏଲ୍.ଏନ୍. ଗୁପ୍ତା ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲର ନୂତନ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଆଇପିଏସ୍ ଅଫିସର ନିଖିଲ୍ କାନୋଡିଆ ଉଦ୍ୟୋଗ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି।

### ଧର୍ମେନ୍ଦ୍ରଙ୍କୁ ଭେଟିଲେ ଏନ୍ଡିଆର୍ଏଫ୍ ଡିଜି

ଭୁବନେଶ୍ୱର,୮।୫(ବ୍ୟୁରୋ): ରାଜ୍ୟର ବାତ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟର ପ୍ରଗତି ସମ୍ପର୍କରେ ଏନ୍ଡିଆର୍ଏଫ୍ ଡିଜି ଏସ୍.ଏନ୍. ପ୍ରଧାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଏନ୍ଡିଆର୍ଏଫ୍ କାର୍ଯ୍ୟ ଓ ପ୍ରଭାବିତମାନଙ୍କ ସହାୟତା ସମ୍ପର୍କରେ ଧର୍ମେନ୍ଦ୍ର ପଚାରି ବୁଝିଛନ୍ତି। ପ୍ରଭାବିତ ଅଞ୍ଚଳରେ ପୁନଃନିର୍ମାଣ କାର୍ଯ୍ୟରେ ଏନ୍ଡିଆର୍ଏଫ୍‌କୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

### ଫନୀ ପାଇଁ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ସହାୟତା

ଭୁବନେଶ୍ୱର, ୮।୫(ବ୍ୟୁରୋ): ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ପୁନରୁଦ୍ଧାର ପାଇଁ ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନେ ପ୍ରତ୍ୟେକ ୧୦ହଜାର ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଜିଲାଗୁଡିକରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ଯୋଗଦାନ ସ୍ୱରୂପ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ସଂଘ ସମ୍ପାଦକ ବିଶାଲ ଦେବ କହିଛନ୍ତି, ପ୍ରତି ସଦସ୍ୟଙ୍କ ମାସିକ ଦରମାରୁ ୧୦ହଜାର ଟଙ୍କା ଲେଖାଏ ସିଧାସଳଖ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଯିବ। ଓଡ଼ିଶା କ୍ୟାଡରରେ ପ୍ରାୟ ୨୦୦ ପ୍ରଶାସନିକ ସେବା ଅଧିକାରୀ ଏହି ସହାୟତା ପ୍ରଦାନ କରିବେ।

### ନଦୀ ସ୍ରୋତରୁ ୨ ଜଣଙ୍କୁ ଉଦ୍ଧାର କଲେ କୌଶଲ୍ୟା

ମାର୍ଶାଘାଇ, ୮।୫ (ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକ ବାଲଣା ଆଦମପୁର ଗ୍ରାମ ପାର୍ଶ୍ୱରେ ଶାଖା ଗୋବରୀ ନଦୀରେ ବୁଧବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ନାବାଳକ ନଦୀ ସ୍ରୋତରେ ଭାସି ଯାଇଥିଲେ। ତେବେ ନିକଟସ୍ଥ ଅନ୍ୟ ଏକ ତୁଠରେ ଗାଧୋଉଥିବା ସ୍ଥାନୀୟ ଗ୍ରାମ କେତେଜଣ ମହିଳାଙ୍କ ମଧ୍ୟରୁ କୌଶଲ୍ୟା ସାମଲ ପହଁରି ପହଁରି ଯାଇ କିଛି ଦୂରରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳକ ଦ୍ୱୟ ହେଲେ ବିବେକାନନ୍ଦ ବାରିକ(୧୦) ଓ ନିଗମାନନ୍ଦ ବାରିକ (୧୦)। କୌଶଲ୍ୟାଙ୍କ ସାହସିକତା ପାଇଁ ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ ଓ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

# ସରକାରୀ ଡାକ୍ତରଖାନା ମଧ୍ୟରୁ ୩୦୨ ପୁନରୁଦ୍ଧାର

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟା 'ଫନୀ' ଓ ଏହାର ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପକୁ ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହିତ ପ୍ରଭାବିତ ଜିଲାରେ ଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସ୍ଥିତି ସ୍ୱାଭାବିକ ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

୫ ସର୍ବାଧିକ କ୍ଷତିଗ୍ରସ୍ତ ଜିଲା ପୁରୀ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସବୁ ଜିଲାରେ ବର୍ତ୍ତମାନ ସୁଦ୍ଧା ୭୦୩ ମେଡିକାଲ ରିଲିଫ୍ କେନ୍ଦ୍ର କାର୍ଯ୍ୟ କରୁଛି। ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ୧୯୪୫ଜଣ ଆସନ୍ନ ପ୍ରସବାଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୭୧ଜଣଙ୍କର ସୁରକ୍ଷିତ ପ୍ରସବ ହୋଇଛି। ୯୯୩୦ଜଣ



ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା।

ସାମାନ୍ୟ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ମୋଟ ୧୦୩୧ ସରକାରୀ ଡାକ୍ତରଖାନା ମଧ୍ୟରୁ ୩୦୨ଟିର ପୁନରୁଦ୍ଧାର ହୋଇସାରିଛି। ଅନ୍ୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଯଥେଷ୍ଟ ପରିମାଣର ଆବଶ୍ୟକ ଔଷଧ ମହଜୁଦ ରହିଛି। ଇତିମଧ୍ୟରେ ଉପରୋକ୍ତ ୫ ଜିଲାକୁ ୪୩ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ରୋଗ ସର୍ବେକ୍ଷଣ ନିମନ୍ତେ ପଠାଯାଇଛି। ସର୍ବାଧିକ ବାତ୍ୟା କ୍ଷତିଗ୍ରସ୍ତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ନିରନ୍ତର ବିଦ୍ୟୁତ୍ ବ୍ୟବସ୍ଥା ହୋଇଛି।

ଏହାଛଡ଼ା ଜଗତ୍‌ସିଂହପୁର ଜିଲାକୁ ୧୦ଜଣ, କେନ୍ଦ୍ରାପଡ଼ାକୁ ୧୧ ଓ ପୁରୀକୁ ୨୬ଜଣ ଡାକ୍ତରଙ୍କୁ ପଠାଯାଇଛି। ସେହିଭଳି କଟକରେ ୩୯, ଜଗତ୍‌ସିଂହପୁରରେ ୩୭, କେନ୍ଦ୍ରାପଡ଼ାରେ ୨୩, ଖୋର୍ଦ୍ଧାରେ ୪୧ ଓ ପୁରୀରେ ୫୯ ମେଡିକାଲ ଟିମ୍ ମୁତୟନ ହୋଇଛନ୍ତି। ଜଳ ବିଶୋଧନ

■ ୩୭୧ଜଣଙ୍କର ସୁରକ୍ଷିତ ପ୍ରସବ ହୋଇଛି

■ ଡାକ୍ତରଖାନାରେ ସ୍ଥିତି ସ୍ୱାଭାବିକ ପାଇଁ ନିର୍ଦ୍ଦେଶ

ଲାଗି ଖୋଲାରେ ଥିବା ପାନୀୟଜଳ ଉତ୍ସଗୁଡ଼ିକର ବିଶୋଧନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୫ ଜିଲାର ୧୨୩୧ଟି ଜଳଉତ୍ସକୁ ବୁଧବାର ସୁଦ୍ଧା ବିଶୋଧନ କରାଯାଇଥିବା କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସୂଚନାକୁ ବ୍ୟାପକ କରିବାକୁ ମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଓ ଲିଙ୍ଗରାଜ ମିଶ୍ର, ସ୍ୱତନ୍ତ୍ର ସଚିବ ଶରତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଚାପୁଡ଼ା ମାଡ଼ରେ ମା'ଙ୍କ ଜୀବନ ଗଲା

ଅଭିଯୁକ୍ତ ପୁଅ ଗିରଫ, ଥାନାରେ ମାମଲା ରୁଜୁ

ରାଇରଙ୍ଗପୁର, ୮।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଧଳପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ପୁଅଙ୍କ ଚାପୁଡା ମାଡ଼ରେ ଜନ୍ମଦାତ୍ରୀ ମା'ଙ୍କର ମୃତ୍ୟୁ ହେବା ଭଳି ଦୁଃଖଦ ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇ ଅଭିଯୁକ୍ତ ଜାରୋଇ ଆଲ୍‌ଦା(୨୦)ଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ.୧୮/୨୦୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ବଳଦ କିଣା ଘଟଣାକୁ କେନ୍ଦ୍ରକରି ସୋମବାର ରାତିରେ ବୃଦ୍ଧା ମା' କୁନ୍ତି ଆଲ୍‌ଦା ଓ ତାଙ୍କ ପୁଅ ଜାରୋଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ କ୍ଷୁବ୍ଧ ହୋଇ ଜାରୋଇ ଏକ ଚାପୁଡା ମାରିଥିଲେ। ଏଥିରେ ମା' କୁନ୍ତି ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନା ନିଆଯାଇ ନ ଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ■ ଗୁହାଳଡ଼ିହି ଗଞ୍ଜରେ ମାଙ୍କଡ଼ଧରା ଅଭିଯାନ

# ଗୋଟିକର ଜୀବନ ଗଲା, ଧରା ହେଲେ ୭

ସୋର, ୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ରଘୁନାଥପୁରଗଞ୍ଜ ଏବଂ ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହିରେ ବନବିଭାଗ ପକ୍ଷରୁ ବୁଧବାର ମାଙ୍କଡ଼ ଧରା ଅଭିଯାନ ଆରମ୍ଭ ହୋଇଛି। ବନବିଭାଗ ତରଫରୁ ୭ମାଙ୍କଡ଼କୁ କାବୁ କରାଯାଇଥିଲା। ଆଉ ଗୋଟିଏ ମାଙ୍କଡ଼କୁ ବନବିଭାଗ ପକ୍ଷରୁ ଧରାଯାଉଥିବା ବେଳେ କର୍ମଚାରୀଙ୍କ ମାଡରେ ତାର ମୃତ୍ୟୁ ଘଟିଛି।

ଗତ କିଛିଦିନ ହେଲା ମଧୁସୂଦନପୁର, ନଦୀଗାଁ, ରଘୁନାଥପୁର, ଗଞ୍ଜ, ଗୁହାଳଡ଼ିହି, ବାଇନଣ୍ଡା, ଉଚ୍ଛୁଡିଆ ଓ ଖଜୁରଡ଼ିହା ଅଞ୍ଚଳରେ ମାଙ୍କଡ ପଲଙ୍କ ଉତ୍ପାତରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡିଥିଲେ। ମାଙ୍କଡଙ୍କ ଆକ୍ରମଣରେ ୧୨ଜଣ ଗୁରୁତର ଆହତ ହୋଇଥିଲେ। ଏବେ ସୁଦ୍ଧା ଜଣେ ବୃଦ୍ଧଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ମାଙ୍କିଡ଼ିଆଙ୍କୁ ଦେଖି ମାଙ୍କଡ଼ ପଲ ଉତ୍ପାତ ଦେଖାଇଥିଲେ। ବନ ବିଭାଗ କର୍ମଚାରୀମାନେ ମାଙ୍କିଡ଼ିଆଙ୍କ ସହାୟତାରେ ଜାଲ ବସାଇ ୫ଟା ମାଈ ମାଙ୍କଡ଼ ଏବଂ ଦୁଇଟି ଛୁଆ ମାଙ୍କଡ଼ଙ୍କୁ ଧରି ନେଇଥିଲେ। ଗୋଟିଏ ଦୁର୍ଦ୍ଦାନ୍ତ ଅଣ୍ଡିରା ମାଙ୍କଡ଼କୁ ଧରିବା ସମୟରେ କର୍ମଚାରୀମାନେ ତାକୁ କାବୁ କରିବା



ଏକ ମାଙ୍କଡକୁ କାବୁ କରି ନିଆଯାଉଛି।

ପାଇଁ ମାଡ଼ ମାରିଥିଲେ। କିଛି ସମୟ ପରେ ମାଙ୍କଡ଼ଟି ମରିଯାଇଥିଲା। ଏହି ମଲା ମାଙ୍କଡ଼କୁ ବନ ବିଭାଗ ତରଫରୁ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟ ୭ଟି ମାଙ୍କଡ଼କୁ ବନ ବିଭାଗ କର୍ମଚାରୀମାନେ ହାତଗୋଡ଼ ବାନ୍ଧି ସ୍ୱତନ୍ତ୍ର ଗାଡ଼ିରେ ପକାଇ ଔପଦାର କୁଲଡ଼ିହା ବେଟେଇ ଜଙ୍ଗଲରେ ଛାଡ଼ିଥିଲେ। ତଥାପି ଏହି ଅଞ୍ଚଳରେ ଲୋକମାନଙ୍କୁ ଆକ୍ରମଣ କରୁଥିବା ଦୁର୍ଦ୍ଦାନ୍ତ ମାଙ୍କଡ଼ଗୁଡ଼ିକ ଲୁଚିଯାଇଥିବାରୁ ଲୋକମାନଙ୍କ ଭିତରେ ଆତଙ୍କ ଲାଗି ରହିଛି। ଏହି ଅଭିଯାନର ଔପଦା ରେଞ୍ଜର ପ୍ରଦୀପ କୁମାର ଜେନା ନେତୃତ୍ୱ ନେଇଥିଲେ। ଫରେଷ୍ଟର ସୁରମା ମଞ୍ଜରୀ ଦାସ, ଫରେଷ୍ଟଗାର୍ଡ଼ କବିତା ମହାକୁଡ଼, ରାମ ଚନ୍ଦ୍ର ଲେଙ୍କା, ମଞ୍ଜୁଲତା ପ୍ରଧାନଙ୍କ ସହିତ ସବୁଜ ବାହିନୀର ୫ ଜଣଙ୍କ ସହିତ ୧୫ ଜଣ ମାଙ୍କିଡ଼ିଆ ଏଥିରେ ସାମିଲ ହୋଇଥିଲେ।

### ବାତ୍ୟା ପ୍ରଭାବିତ ଲୋକଙ୍କ ପାଖେ ପହଞ୍ଚିପାରୁନି ସରକାର: ନିରଞ୍ଜନ

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟା ଫନୀ ପ୍ରଭାବରେ ରାଜ୍ୟର କେତୋଟି ଉପକୂଳବର୍ତ୍ତୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପିଇବା ପାଣି, ବିଦ୍ୟୁତ୍ ସେବା ଏବଂ ଟେଲିଫୋନ ବ୍ୟବସ୍ଥା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର କି ପ୍ରଶାସନ ଏ ପର୍ଯ୍ୟନ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ରିଲିଫ ଦେବାରେ ସେତେଟା ସକ୍ରିୟ ହୋଇପାରିନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବାତ୍ୟା ପୂର୍ବରୁ ଗଣମାଧ୍ୟମ ଲୋକମାନଙ୍କୁ ସଚେତନ କରାଇଥିଲା ଯେଉଁଥିଲାଗି ବିଶେଷ ଜନହାନୀ ଘଟିନାହିଁ। ହେଲେ ସରକାର ବାତ୍ୟାରେ ଯେଉଁ ମୃତ୍ୟୁ ହିସାବ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏ ପର୍ଯ୍ୟନ୍ତ ସରକାର ଲୋକଙ୍କ ପାଖରେ ପହଞ୍ଚିନାହାନ୍ତି। କେବଳ ୧୨ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଛନ୍ତି ବୋଲି କହି ମିଛ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ୧୯୯୯ ମହାବାତ୍ୟା ସମୟରେ ୫ଦିନରେ ଲୋକଙ୍କ ପାଖରେ ବିଜୁଳି ପହଞ୍ଚିଥିଲା। ହେଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ବିଦ୍ୟୁତ୍ ସେବା କେତେଦିନରେ ଯୋଗାଇବେ ତାର ସଠିକ୍ ତଥ୍ୟ ମଧ ରଖିପାରୁ ନାହାନ୍ତି। ଜଳ ପାଇଁ ଲୋକ ଉହଲ ବିକଳ ହେଉଥିଲା ବେଳେ ସରକାର ୯୦ପ୍ରତିଶତ ଲୋକଙ୍କୁ ପିଇବା ପାଣି ଯୋଗାଇବାର ମିଥ୍ୟା ତଥ୍ୟ ରଖିଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ସୁଅ

ଭୁବନେଶ୍ୱର,୮।୫(ବ୍ୟୁରୋ)

■ ଅକ୍ଷୟ କୁମାର ଦେଲେ କୋଟିଏ, ବାଗ୍‌ଚୀ ୨୫ ଲକ୍ଷ

■ ସଫଳ ମୁକାବିଲା ପାଇଁ ରାଜ୍ୟକୁ ଧାନ ଗବେଷଣା କେନ୍ଦ୍ରର ପ୍ରଶଂସା

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ପାଇଁ ବହୁସଂସ୍ଥା ଓ ବ୍ୟକ୍ତିବିଶେଷ ଆଗେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନର ସୁଅ ସୁଟୁଛି। ଦୁର୍ଗତଙ୍କ ସହାୟତା ଏବଂ ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ଅଭିନେତା ଅକ୍ଷୟ କୁମାର ୧ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ବମ୍ବେର ପୂର୍ବତନ ପୋଲିସ୍ କମିଶନର ଅରୂପ ପଟ୍ଟନାୟକ ଅକ୍ଷୟଙ୍କ ସହାୟତା ରାଶି ସମ୍ପର୍କିତ ଚେକ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ପ୍ରଦାନ କରିଛନ୍ତି। ଫାଲକନ୍ ମେରାଇନ୍ ଏକ୍ସପର୍ଟ ନିର୍ଦ୍ଦେଶକମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପ୍ରାକ୍ତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ୧,୭୩,୬୦୦ ଟଙ୍କା, କବିସୂର୍ଯ୍ୟନଗର ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓ ୧ ଲକ୍ଷ ଟଙ୍କା, ଶେରଗଡ଼ ପଞ୍ଚାୟତ ସମିତି ୨,୨୦,୦୦୦ ଟଙ୍କା, ଗଞ୍ଜାମ ଜିଲା ପ୍ରଶାସନିକ କର୍ମଚାରୀଙ୍କ ପକ୍ଷରୁ ୩୧ ଲକ୍ଷ ୨ ହଜାର ଟଙ୍କା, କେନ୍ଦ୍ରାପଡ଼ା କୋଅପରେଟିଭ୍ ସୋସାଇଟି ୧ ଲକ୍ଷ ଟଙ୍କା, ଏସ୍.ଏସ୍. ଗ୍ରୀନ୍‌ଟେକ୍ ୨୧ ହଜାର ଟଙ୍କା ଏବଂ ଶେରଗଡ଼ ବାସିନ୍ଦା ଶରତ ଚନ୍ଦ୍ର ପାତ୍ର ୪୨ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି।

ଅପରପକ୍ଷରେ ଫନୀର ସଫଳ ମୁକାବିଲା ପାଇଁ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି। ସଂସ୍ଥାର ଡାଇରେକ୍ଟର ଜେନେରାଲ ମାଥ୍ୟୁ ମୋରେଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ନେଇ ବୁଧବାର ଚିଠି ଲେଖି ଧନ୍ୟବାଦ ଦେଇଛନ୍ତି। ଚିଠି ମାଧ୍ୟମରେ ମାଥ୍ୟୁ କହିଛନ୍ତି, ବିଭିନ୍ନ ପାଣିପାଗ ସଂସ୍ଥାନର ଠିକ୍ ପୂର୍ବାନୁମାନ ଏବଂ ରାଜ୍ୟ ପ୍ରଶାସନର ସଫଳ ମୁକାବିଲା ପାଇଁ ବହୁ ଜୀବନ ରକ୍ଷା ପାଇଲା। ରାଜ୍ୟରେ ଧାନ ଚାଷର ଉନ୍ନତି ଓ କୃଷକଙ୍କ ରୋଜଗାର ବୃଦ୍ଧି ପାଇଁ ଏହି ସଂସ୍ଥାର କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମାଥ୍ୟୁ କହିଛନ୍ତି।

# ବାତ୍ୟା ପରେ ମନେ ପଡ଼ିଲା ଘର କଥା

## ■ ସାଇକେଲରେ ଭିନ୍ନକ୍ଷମ ଛାତ୍ରଙ୍କ ୩୦୦ କି.ମି. ଯାତ୍ରା

**ବାରିପଦା ଅଫିସ,୮।୫:** ଫନୀ ବାତ୍ୟାର ତାଣ୍ଡବ ପରେ ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନରେ ରହି ପାଠ ପଢୁଥିବା ଭିନ୍ନକ୍ଷମ ଛାତ୍ର କୁନାରାମ ମୁର୍ମୁ ଗାଁରେ ରହୁଥିବା ମା' ଓ ସାନ ଭଉଣୀଙ୍କ ସହ ଯୋଗାଯୋଗ କରି ପାରି ନ ଥିଲେ। ବାତ୍ୟା ଦ୍ୱାରା ଗାଁ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରି ସେ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ। ମା' ଓ ସାନ ଭଉଣୀଙ୍କୁ ଭେଟିବା ସକାଶେ ସେ ସାଇକେଲରେ ୩୦୦ କି.ମି. ଦୂର ଅତିକ୍ରମ କରି ବୁଧବାର ମଧ୍ୟାହ୍ନରେ ଆସି ଘରେ ପହଞ୍ଚିଛନ୍ତି। ମଙ୍ଗଳବାର ସକାଳେ ସେ ଭୁବନେଶ୍ୱରରୁ ସାଇକେଲ ଧରି ବାହାରିବା ବେଳେ ତାଙ୍କ ନିକଟରେ ଥିଲା ମାତ୍ର ୨୦ଟଙ୍କା। ପାଖରେ ଏଟିଏମ କାର୍ଡ ଥିଲେ ମଧ ବାତ୍ୟା ପ୍ରଭାବିତ ଭୁବନେଶ୍ୱରରେ ବ୍ୟାଙ୍କ ସେବା ବ୍ୟାହତ ହୋଇଥିବାରୁ ସେ କେଉଁଠାରୁ ଟଙ୍କା ଉଠାଇ ପାରି ନ ଥିଲେ। ଏହାସତ୍ତ୍ୱେ ସେ ମନୋବଳ ଟାଣ କରି ଘରେ ପହଞ୍ଚିବା ଲକ୍ଷ୍ୟରେ ସାଇକେଲ ଚଳାଇ ଏଭଳି ଏକ ଦୁଃସାହସିକ ଅଭିଯାନରେ ବାହାରି ପଡିଥିଲେ।

କୁନାରାମଙ୍କ ଘର ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକ ପୋଡାଗଡ ପଞ୍ଚାୟତର ମଦନମୋହନପୁର ଗାଁରେ। ଗରିବ ପରିବାରରେ ତାଙ୍କର ଜନ୍ମ । ପିଲାଦିନେ ସେ ରୋଗାକ୍ରାନ୍ତ ହେବାରୁ ବାମ ଗୋଡ ଆଣ୍ଠୁ ତଳକୁ ସରୁ ହୋଇ ଯାଇଛି। ଭଲରେ ଚାଲି ପାରନ୍ତି ନାହିଁ। ତାଙ୍କୁ ୫୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ୨୦୧୨ରେ ତାଙ୍କ ବାପା ଲମ୍ବୋଦର ମୁର୍ମୁଙ୍କ ପରଲୋକ ହୋଇଯାଇଛି। ଘରେ ମା' ଓ ଦୁଇ ଭଉଣୀ । ଏହାମଧ୍ୟରେ ବଡ ଭଉଣୀଙ୍କ ବିବାହ ହୋଇଯାଇଛି। ପାଠ ପଢି ପରିବାରର ଦୁଃଖ ଦୂର କରିବା ଏବଂ ଭିନ୍ନକ୍ଷମତାକୁ ହରାଇ ଆତ୍ମନିର୍ଭରଶୀଳ ହେବାକୁ ସଙ୍କଳ୍ପ ନେଇ ସେ ଭୁବନେଶ୍ୱରରେ ଏକ ଆବାସିକ



ସାଇକେଲ ଯାତ୍ରାରେ କୁନାରାମ।

ଶିକ୍ଷାନୁଷ୍ଠାନରେ ରହି ଫିଜିକ୍ସ ସ୍ନାତକୋତ୍ତର ଶ୍ରେଣୀର ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। କଲେଜ ଛୁଟି ହୋଇଥିଲେ ସୁଦ୍ଧା ସେ ଘରକୁ ନ ଆସି ଛାତ୍ରାବାସରେ ରହି ପଢ଼ାପଢ଼ି କରୁଥିଲେ। ଫନୀ ବାତ୍ୟାର ତାଣ୍ଡବଲୀଳା ଭୁବନେଶ୍ୱରରେ ଅଙ୍ଗେ ନିଭାଇବା ପରେ ଘର ଲୋକଙ୍କ ଅବସ୍ଥା କିଭଳି ରହିଛି, ତାହା ଜାଣିବାକୁ ବ୍ୟସ୍ତ ହୋଇ ପଡିଥିଲେ। ମୋବାଇଲରେ ଯୋଗାଯୋଗ ସମ୍ଭବ ନ ହେବାରୁ ମା' ଓ ଭଉଣୀଙ୍କ କଥା ସବୁ ବେଳେ ମନେ ପଡିଥିଲା। ଏଣୁ ସେ ସାଇକେଲ ଧରି ଘରକୁ ଯିବାଲାଗି ମନ ସ୍ଥିର କରିଥିଲେ।

ମଙ୍ଗଳବାର ସକାଳ ୬ଟା ବେଳେ ସେ ଭୁବନେଶ୍ୱରରୁ ବାହାରି ଜାତୀୟ ରାଜପଥରେ କଟକ, ଚଣ୍ଡିଖୋଲ ଅତିକ୍ରମ କରି ପାଣିକୋଇଲି ଦେଇ ଆନନ୍ଦପୁରରେ ପହଞ୍ଚିଥିଲେ। ପରେ କେନ୍ଦୁଝର ଜିଲାର ସୀମା ଅତିକ୍ରମ କରି ମୟୂରଭଞ୍ଜ ଜିଲାର କରଞ୍ଜିଆରେ ପହଞ୍ଚିଥିଲେ। ଆସିବା ବେଳେ ବାଟରେ ଭାରି ଭୋକ ହେବାରୁ ବଡଚଣା ନିକଟରେ ସେ କିଛି ସମୟ ଅଟକିଥିଲେ। ପାଖରେ ମାତ୍ର ୨୦ ଟଙ୍କା ଥିବାରୁ କାଳେ ସାଇକେଲରେ କିଛି ତ୍ରୁଟି ଦେଖାଦେବ ସେଥିଲାଗି ଟଙ୍କା ଖର୍ଚ୍ଚ କରି ନ ଥିଲେ। ବଡଚଣାଠାରେ ଦହିବରା ବିକୁଥିବା ଜଣେ ବ୍ୟକ୍ତି ତାଙ୍କଠାରୁ ସବୁ କଥା ଶୁଣି ତାଙ୍କୁ ଦହିବରା ଖାଇବାକୁ ଦେଇଥିଲେ। ପରେ କୁନାରାମ ବାଟରେ ଏକ ଏଟିଏମ କାଉଣ୍ଟରରୁ ୧ ହଜାର ଟଙ୍କା ଉଠାଇ ହୋଟେଲରେ ଭାତ ଖାଇଥିଲେ।

ସେ ମୟୂରଭଞ୍ଜ ଜିଲାର କରଞ୍ଜିଆରେ ପହଞ୍ଚିବା ବେଳକୁ ରାତି ପ୍ରାୟ ସାଢେ ୮ଟା ବାଜିଥିଲା। ବଣପାହାଡ ଘେରା ଯଶୀପୁରକୁ ଯିବା ଲାଗି ସାହସ କରି ନ ପାରି ସେ କରଞ୍ଜିଆ ଡାକ୍ତରଖାନାକୁ ଯାଇ ବାରଣ୍ଡାରେ ଶୋଇ ରାତି କଟାଇଥିଲେ। ବୁଧବାର ସକାଳୁ ପୁଣି ସାଇକେଲରେ ଯାତ୍ରା ଆରମ୍ଭ କରି ସେ ଯଶୀପୁର ଦେଇ ମଦନମୋହନପୁର ଗାଁରେ ପହଞ୍ଚିବା ବେଳକୁ ମଧ୍ୟାହ୍ନ ୧୨ଟା ବାଜିଥିଲା। କୁନାରାମଙ୍କ ଏହି ଦୁଃସାହସିକ ଅଭିଯାନ କଥା ଶୁଣି ଗାଁ ଲୋକେ ଆସି ରୁଣ୍ଡ ହୋଇ ଯାଇଥିଲେ। ସେମାନେ ତାଙ୍କୁ ସାବାସି ଜଣାଇ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ।

କୁନାରାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଭିନ୍ନକ୍ଷମ ହୋଇଥିଲେ ବି ପାଠ ପଢା ଶେଷ ହେବା ପରେ ସାଇକେଲରେ ଓଡ଼ିଶା ଭ୍ରମଣ କରିବା ସକାଶେ ସେ ପୂର୍ବରୁ ଲକ୍ଷ୍ୟ ରଖିଥିଲେ। ଫନୀ ବାତ୍ୟା ପରେ ୩୦୦ କି.ମି. ସାଇକେଲ ଚଳାଇ ଘରକୁ ଆସିବା ଲାଗି ଏହି ସଙ୍କଳ୍ପ ତାଙ୍କ ମନୋବଳକୁ ଦୃଢ କରିଥିଲା। ସେ ରାସ୍ତାରେ ସାଇକେଲ ଚଳାଇ ଆସିବା ବେଳେ ଅନେକ ପଥଚାରୀ ତାଙ୍କୁ ମଧ ଉତ୍ସାହିତ କରିଥିଲେ।







"ପରିଶିଷ୍ଟ-IV-A"
[ନିୟମ ୮ (୬)ର ସର୍ତ୍ତ ଦେଖନ୍ତୁ]

**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୬)ର ସର୍ତ୍ତ ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ନିଲାମ ବିକ୍ରୟ ନୋଟିସ।

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ମାନଙ୍କୁ) ଏବଂ ଜାମିନଦାତା(ମାନଙ୍କୁ) ନୋଟିସ ପ୍ରଦାନ କରାଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ ରଖାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ବନ୍ଧକ ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍, ବନ୍ଧକ ଋଣଦାତାଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଛି, ତାହାକୁ ଶ୍ରୀ ଜିତେନ କୁମାର ସ୍ୱାଇଁ / ଶ୍ରୀମତୀ ସ୍ନେହଲତା ପଣ୍ଡା/ ମେସର୍ସ ବନଦୁର୍ଗା ନାରାୟଣୀ ଇଞ୍ଜିନିୟରିଂ ୱାର୍କସ୍‌ଙ୍କ ଦ୍ୱାରା ବନ୍ଧକ ଋଣଦାତାଙ୍କୁ ପୈଠଯୋଗ୍ୟ ଟ.୧,୯୮,୬୬,୦୧୮.୦୦/-ର ବକେୟା ରାଶିର ଅସୁଲି ନିମନ୍ତେ ୨୫ ମେ, ୨୦୧୯ ଦିନ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଟ.୧,୨୪,୩୫,୧୨୦/- ଏବଂ ଅମାନତ ଜମା ରାଶି ଟ.୬,୨୧,୭୫୬/- ଅଟେ।

**ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ**

ପ୍ଲଟ୍ ନଂ.-୧୬୭୮/୪୦୭୯, ଖାତା ନଂ.- ୬୦୧/୩୪୧, ମୌଜା- କଟକ ସହର ୟୁନିଟ୍ ନଂ.-୧୪, ନୟାସଡ଼କ। କ୍ଷେତ୍ର ଏ୦.୦୯୦ ଡେସିମିଲି, ଅର୍ଥାତ୍ ୩୯୨୦.୪ ବର୍ଗଫୁଟ। କିସମ- ଘରବାରି-୨, ଥାନା- ଲାଲବାଗ, ଏସ୍ଆର୍ଓ/ତହସିଲ-କଟକ ସଦର, ଜିଲ୍ଲା- କଟକ-୭୫୩୦୦୯

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ବନ୍ଧକ ଋଣଦାତାଙ୍କ ୱେବ୍‌ସାଇଟ୍ ଅର୍ଥାତ୍ www.adityabirlahousingfinance.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

କ୍ଷିତେନ୍ଦୁ ଦେବ ରୟ
ପ୍ରାଧିକୃତ ଅଧିକାରୀ
ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୮।୦୫।୨୦୧୯

# ବାଲୁଖଣ୍ଡ ଧ୍ୱଂସ, ଚାଲିଛି ହରିଣ ଖୋଜା

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ୍, ୮।୫

ବାତ୍ୟା 'ଫନୀ'ରେ ଛାରଖାର ହୋଇଯାଇଛି ବାଲୁଖଣ୍ଡ ଅଭୟାରଣ୍ୟ। ପୁରୀ ଓ କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ଶହ ହେକ୍ଟର ପରିମିତ ଜମିରେ ରହିଥିବା ଏହି ବାଲୁଖଣ୍ଡର ପ୍ରାୟ ୯୦ ପ୍ରତିଶତ ବଡ ବଡ ଗଛ ଭାଙ୍ଗିବା ସହ ଉପୁଡ଼ି ପଡ଼ିଛି। ୪ହଜାରରୁ ଊର୍ଦ୍ଧ୍ୱ ହରିଣ ଉକ୍ତ ବାଲୁଖଣ୍ଡରେ ରହିଛନ୍ତି। ବାତ୍ୟାରେ ଗଛଗୁଡ଼ିକ ନଷ୍ଟ ହୋଇଥିଲେ ମଧ୍ୟ ସମସ୍ତ ହରିଣ ସୁରକ୍ଷିତ ଅଛନ୍ତି। ବାତ୍ୟାରେ ବହୁ କାଜୁ ଗଛ ପଡ଼ିଯାଇଥିଲା। କେତେକ ଗଛ ତଳେ କିଛି ହରିଣ ଚାପିହୋଇ ରହିଯାଇଥିଲେ। ତେବେ ସେମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଜଙ୍ଗଲ ନିକଟ ଗାଁକୁ ପ୍ରାୟ ୫୦ ପ୍ରତିଶତ ହରିଣ ଚାଲିଯାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଧୀରେ ଧୀରେ ଫେରିବାରେ ଲାଗିଛନ୍ତି। ବର୍ତ୍ତମାନ ଜଙ୍ଗଲରେ ଗଛ ପଡ଼ିରହିଥିବାରୁ ଖାଁ ଖାଁ ଲାଗୁଛି। ଏଣୁ ହରିଣମାନେ ବାଲୁଖଣ୍ଡ ଫେରିବାକୁ ଭୟ କରୁଛନ୍ତି। ପରବର୍ତ୍ତୀ ସମୟରେ ସମସ୍ତ ହରିଣ ପର୍ଯ୍ୟାୟ କ୍ରମେ ଫେରିଆସିବେ ବୋଲି ବୁଧବାର ବାଲୁଖଣ୍ଡ ଅଭୟାରଣ୍ୟ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ବାଲୁଖଣ୍ଡ ଅଭୟାରଣ୍ୟ ପରିଦର୍ଶନ କରିବା ସମୟରେ ଅତିରିକ୍ତ ଡିଏଫଓ ପ୍ରସନ୍ନ କୁମାର ସ୍ୱାଇଁ ଓ ସଦର ରେଞ୍ଜର ସରୋଜ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିବା ସହ ନେଚର କ୍ୟାମ୍ପ ବୁଲି ଦେଖିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଚାରା ରୋପଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲରେ କୌଣସି ସ୍ଥାନରେ ନିଆଁ ଲାଗିଲେ ଯେପରି ତୁରନ୍ତ ନିୟନ୍ତ୍ରଣ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଏବଂ ଅଭୟାରଣ୍ୟରେ ପଡ଼ିଥିବା ଗଛ, ବିଦ୍ୟୁତ ଖୁଣ୍ଟ ସଫା କରିବାକୁ ପରାମର୍ଶ ଦେଇଥିଲେ। ଅଭୟାରଣ୍ୟର ପ୍ରାକୃତିକ ପରିବେଶ ସଜାଡ଼ିବା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜଙ୍ଗଲ ବାହରକୁ ଚାଲିଯାଇଥିବା ହରିଣମାନଙ୍କୁ ସୁରକ୍ଷିତ ଭାବେ ଅଭୟାରଣ୍ୟକୁ ଫେରାଇ ଅଣାଯିବ। ବାତ୍ୟାରେ ବହୁ ଗଛ ପଡ଼ିଯାଇଛି। ବାଲୁଖଣ୍ଡ ଛାରଖାର ହୋଇଯାଇଛି। ତଥାପି ହରିଣମାନଙ୍କ ଲାଗି ପାଣି ଓ ମିଡୋ (ଘାସ ଚାରା କ୍ଷେତ୍ର) ସୁରକ୍ଷିତ ରହିଛି। ଯେପରି ଖରାଦିନେ ହରିଣମାନଙ୍କ ଖାଦ୍ୟ ନେଇ କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ମହାପାତ୍ର କହିଥିଲେ। ସେହିପରି ସଦର ରେଞ୍ଜର ସରୋଜ ମହାନ୍ତି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବାଲୁଖଣ୍ଡର ୬୦ପ୍ରତିଶତ ଅଞ୍ଚଳରେ କର୍ମଚାରୀମାନେ ବୁଲି ବୁଲି ହରିଣମାନଙ୍କୁ ଠାବ କରୁଛନ୍ତି। ଏ ନେଇ ୫ଟି ଟିମ ଗଠନ କରାଯାଇଛି। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଟିମ୍ ବୁଲୁଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ବଳକା ୪୦ ପ୍ରତିଶତ ଜଙ୍ଗଲରେ ରହିଯାଇଥିବା ହରିଣମାନଙ୍କୁ ଠାବ କରାଯିବ। ବାଲୁଖଣ୍ଡରେ ୧୬ଟି ମିଡୋ, ୨୦ଟି ବଡ ପୋଖରୀ ଏବଂ ୪୦ଟି ୱାଟର ହୋଲ (ଚୁଆ) ରହିଛି। ମୁଖ୍ୟ ରାସ୍ତାଠାରୁ ନେଚର କ୍ୟାମ୍ପ ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତାରେ ଗଛ ପଡ଼ିରହିଛି। ପୁନରୁଦ୍ଧାର କାମ ଚାଲିଛି। ବାତ୍ୟା ପୂର୍ବରୁ ନେଚର କ୍ୟାମ୍ପରେ ରହିଥିବା ଆସବାବପତ୍ର, ବିଦ୍ୟୁତ ସରଞ୍ଜାମ ବାହାର କରାଯାଇଥିଲା। ଏଣୁ କୌଣସି ବିଶେଷ କ୍ଷତି ଘଟିନାହିଁ। ବାତ୍ୟା ପୂର୍ବରୁ ଜଙ୍ଗଲ ବାହାରକୁ ଚାଲିଯାଇଥିବା ହରିଣମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଫେରିଛନ୍ତି। ନିକଟ ଗ୍ରାମକୁ ଚାଲିଯାଇଥିବା ହରିଣମାନଙ୍କର କୌଣସି କ୍ଷତି ନ କରିବା, ସେମାନଙ୍କୁ ସୁରକ୍ଷିତ ଭାବେ ବାଲୁଖଣ୍ଡରେ ପହଞ୍ଚାଇବା ଏବଂ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଜଣାଇବା ଲାଗି ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଛି। ବାଲୁଖଣ୍ଡରେ ଗୋରୁଗାଈ, କୁକୁରଙ୍କ କୁଢ କୁଢ ମୃତଦେହ ପଡ଼ିଛି। ଏଗୁଡ଼ିକ ପଚିଶଢି ଦୁର୍ଗନ୍ଧ ହେଉଛି। ଅନ୍ୟପଟେ ବାଲୁଖଣ୍ଡରେ ହରିଣ ମୃତ୍ୟୁ ଖବରକୁ ରେଞ୍ଜର ମହାନ୍ତି ଖଣ୍ଡନ କରିଛନ୍ତି।

- ଅଭୟାରଣ୍ୟର ୯୦ ପ୍ରତିଶତ କ୍ଷତିଗ୍ରସ୍ତ
- ନିକଟ ଗାଁକୁ ଚାଲିଯାଇଛନ୍ତି ୫୦ ପ୍ରତିଶତ, ଫେରିଲେ ୪
- ହରିଣ ଠାବ ପାଇଁ ଗାଁ ବୁଲୁଛନ୍ତି ୫ ଟିମ୍


ବାଲୁଖଣ୍ଡ ଅଭୟାରଣ୍ୟରେ ଗଛ ଭାଙ୍ଗିପଡ଼ିଛି।



- ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ଚାରା ରୋପଣ ଉପରେ ଗୁରୁତ୍ୱ


ଗାଁ ନିକଟରୁ ଉଦ୍ଧାର ହୋଇଥିବା ହରିଣ।

## ସଂକ୍ଷେପରେ

### ଫନୀ ମୁକାବିଲା ପାଇଁ ଓଡ଼ିଶାକୁ ପ୍ରଶଂସା
### ମୁଖ୍ୟ ଶାସନ ସଚିବଙ୍କୁ ୟୁଏନ୍ ରେସିଡେଣ୍ଟ କୋଅର୍ଡିନେଟରଙ୍କ ଚିଠି

**ଭୁବନେଶ୍ୱର,୮।୫(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଫନୀ ପୂର୍ବରୁ ରାଜ୍ୟର ୧୨ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଓଡ଼ିଶା ସରକାରଙ୍କ ଏହି ଉଲ୍ଲେଖନୀୟ କାର୍ଯ୍ୟକୁ ୟୁନାଇଟେଡ୍ ନେଶନ ତଥା ଜାତିସଂଘ(ୟୁଏନ୍) ପକ୍ଷରୁ ପ୍ରଶଂସା କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଏ ସଂକ୍ରାନ୍ତରେ ୟୁଏନ୍ ରେସିଡେଣ୍ଟ କୋଅର୍ଡିନେଟର ୟାସମିନ୍ ଅଲ୍ଲୀ ହକ୍ ଚିଠି ଲେଖି ପ୍ରଶଂସା କରିଛନ୍ତି। ବାତ୍ୟାରେ ପ୍ରାଣ ହରାଇଥିବା ୩୮ ବ୍ୟକ୍ତିବିଶେଷ ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପ୍ରତି ୟୁଏନ୍ ପକ୍ଷରୁ ସମବେଦନା ଜଣାଯାଇଛି। ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୟୁଏନ୍ ଓସଡମା ଏବଂ ରାଜ୍ୟ ଜରୁରିକାଳୀନ କାର୍ଯ୍ୟାନ୍ୱୟନ କେନ୍ଦ୍ର ସହ ମିଳିତ ଭାବେ କାର୍ଯ୍ୟ କରୁଛି। ୟୁନିସେଫ୍‌ର ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ମୋନିକା ନିଏଲସେନ୍ ରାଜ୍ୟ ସରକାର ଏବଂ ୟୁଏନ୍ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଜଣାପଡିଛି।

### ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କଲା ଏନ୍‌ଟିପିସି

**ଭୁବନେଶ୍ୱର,୮।୫:** ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ରାଷ୍ଟ୍ରାୟତ୍ତ ଏନ୍‌ଟିପିସି ନିଜର ଯୋଗଦାନ ରଖିଛି। ବିଦ୍ୟୁତ ଭିତ୍ତିଭୂମି ସଜାଡିବା ଲାଗି କମ୍ପାନୀ ବୁଧବାର ୫୦୦ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିଛି। ଜରୁରୀକାଳୀନ ବିଦ୍ୟୁତ ସେବା ଲାଗି ଏହା ୩ଟି ଡିଜିସେଟ ଯୋଗାଇ ଦେଇଛି। ଭାଙ୍ଗିଥିବା ଏବଂ ଉପୁଡିଥିବା ଗଛ ସଫା ପାଇଁ ଏହା ୧୫ ଜଣିଆ ଟିମ୍ ଗଠନ କରିଛି। ବିଦ୍ୟୁତ ସେବା ପୁନଃ ପ୍ରଚଳନ ଲାଗି କମ୍ପାନୀ ଏହାର କଣ୍ଡକ୍ଟର,ପୋଲ ଏବଂ ଇନସୁଲେଟର ସେସୁକୁ ହସ୍ତାନ୍ତର କରିଛି। ପୁରୀର ପେଣ୍ଟକଟା ଏବଂ ଚନ୍ଦ୍ରଭାଗାଠାରେ ଦୁଇଟି ମେଡିକାଲ କ୍ୟାମ୍ପ ଖୋଲାଯାଇଛି। ୬ ଜଣ ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଲୋକଙ୍କୁ ଏଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ସେହିଭଳି ପାନୀୟ ଜଳ ଯୋଗାଣ ଜାରି ରହିଥିବା ଏନ୍‌ଟିପିସି ପକ୍ଷରୁ ସୂଚନା ରହିଛି।

### ଭୁବନେଶ୍ୱର ସଫେଇରେ ୩ହଜାର କର୍ମଚାରୀ

**ଭୁବନେଶ୍ୱର,୮।୫(ବ୍ୟୁରୋ)-** ସହରର ପୁନରୁଦ୍ଧାର ଓ ସଫେଇ କାର୍ଯ୍ୟକୁ ନେଇ ବିଏମ୍‌ସି ଓ ବିଡିଏ ପକ୍ଷରୁ ତତ୍ପରତା ଦେଖାଦେଇଛି। ୧୩ଟି ଜୋନରେ ମୋଟ ୩ହଜାର ସଫେଇ କର୍ମଚାରୀ ଏବେ କାର୍ଯ୍ୟରତ ଥିବାବେଳେ ୫୧୬ଟି ଟ୍ରାକ୍ଟର, ଟିପ୍ପର ଓ ଟ୍ରକ ବିନିଯୋଗ କରାଯାଇଛି। ଗୃହ ବିଭାଗ କର୍ମଚାରୀଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ୧୩ଟି ଦଳରେ ୧୨୦ କର୍ମଚାରୀ, ଅଗ୍ନିଶମ ବିଭାଗର ୭୨ଟି ଦଳରେ ୪୫୦ କର୍ମଚାରୀ ଓ ସେସୁର ୩ଟି ଦଳ କାର୍ଯ୍ୟରତ ଅଛନ୍ତି।

## ଖୋଲା ଆକାଶ ତଳେ ବାତ୍ୟାବିପନ୍ନ

ବ୍ରହ୍ମଗିରି,୮।୫(ଡି.ଏନ୍.ଏ.)

ବାତ୍ୟା 'ଫନୀ'ରେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ ବ୍ୟାପକ କ୍ଷତି ଘଟିଛି। ବାତ୍ୟାର ୭ଦିନ ପରେ ବି ଏହି ବ୍ଲକର ହଜାର ହଜାର ପରିବାର ଖୋଲା ଆକାଶ ତଳେ ଜୀବନ କାଟୁଛନ୍ତି। ସରକାରଙ୍କ ପକ୍ଷରୁ ବିପନ୍ନଙ୍କୁ ଦିଆଯାଉଥିବା ରିଲିଫ ସାମଗ୍ରୀ ବଦଳରେ ଥଇଥାନର ଆବଶ୍ୟକ ରହିଛି ବୋଲି କ୍ଷତିଗ୍ରସ୍ତ ବିପନ୍ନମାନେ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ବ୍ଲକର ୨୫ଟି ପଞ୍ଚାୟତର ପ୍ରାୟ ୩୦ହଜାର ପରିବାର ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରତ୍ୟକ ପରିବାରର ନଡିଆ ଗଛ, ଧାନ ଚାଉଳ ଓ ଅର୍ଥକାରୀ ଫସଲ ନଷ୍ଟ ହୋଇଯାଇଛି। ବାତ୍ୟାର ୭ଦିନ ପରେ ବି ବିପନ୍ନଙ୍କ ପାଖରେ ଅତି ଆବଶ୍ୟକ ସାମଗ୍ରୀ କିରୋସିନ କି ମହମବତି ପହଞ୍ଚି ପାରି ନାହିଁ। ଫଳରେ ଲୋକେ ଅନ୍ଧାରରେ ରହିଛନ୍ତି। ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱତନ୍ତ୍ର ପ୍ୟାକେଜରେ ୫୦କେଜି ଚାଉଳ, ୨ହଜାର ଟଙ୍କା ଓ ଏକ ପଲିଥିନ ଦେବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ବ୍ଲକର ଡିହପୁର ଗ୍ରାମର ଜଳନ୍ଧର ନାୟକ କୁହନ୍ତି, ସରକାର ରିଲିଫ ନ ଦେଇ ଥଇଥାନ କଥା ଚିନ୍ତା କରିବା ଆବଶ୍ୟକ ବୋଲି କହିଛନ୍ତି। ଏବେବି ଆମେ ଖୋଲା ଆକାଶ ତଳେ ପଡିରହିଛୁ। ସେହିପରି ବ୍ରହ୍ମଗିରି ଗ୍ରାମର ରବୀନ୍ଦ୍ର ସାହୁ କୁହନ୍ତି, ଆମେ ଦିନ ମଜୁରିଆ। ବାତ୍ୟାରେ ଆମ ଘରଦ୍ୱାର ଭାଙ୍ଗି ଯିବାରୁ ପିଲାଛୁଆଙ୍କୁ ନେଇ ଖୋଲା ଆକାଶ ତଳେ ପଡିରହିଛୁ। ଏପରି କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ରିଲିଫ ସାମଗ୍ରୀ ଆମର ଆବଶ୍ୟକତା ପୂରଣ କରିପାରିବନି। ରିଲିଫ ବଦଳରେ ସ୍ଥାୟୀ ଥଇଥାନର ଆବଶ୍ୟକତା ରହିଛି। ଏହି ବ୍ଲକରେ ପ୍ରାୟ ୨୭,୨୪୪ ପରିବାର ରାଶନକାର୍ଡ ହିତାଧିକାରୀ ଅଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହି ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜରେ ରିଲିଫ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ତତ୍ପର ହୋଇପଡିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏନେଇ ବ୍ରହ୍ମଗିରି ଗ୍ରାମର ମନୁ ସାହୁ କୁହନ୍ତି, ଆମର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନୁହେଁ। ରାଶନକାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ ରାଜନୈତିକ ଶତ୍ରୁତା କାରଣରୁ ରାଶନକାର୍ଡ ହୋଇନାହିଁ। ଆମ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ୟାକେଜ ପାଇବାରୁ ଆମେ ବଞ୍ଚିତ ହେବୁ। ସାନବେଣାକୁଦୀ ଗ୍ରାମର ଜଟାଧାରୀ ସାହୁ କୁହନ୍ତି, ଆମେ ସ୍ୱାମୀ-ସ୍ତ୍ରୀ ଭିନ୍ନକ୍ଷମ। ଏପର୍ଯ୍ୟନ୍ତ ସରକାରୀ ସହାୟତା ଆମେ ପାଇନାହୁଁ। ବାତ୍ୟାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରାଶନକାର୍ଡ ପାଇଁ ଆବେଦନ କଲେ ମଧ୍ୟ ମିଳିପାରିନାହିଁ। ଫଳରେ ସରକାରଙ୍କ ପକ୍ଷରୁ ମିଳୁଥିବା ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ପ୍ୟାକେଜ ପାଇବାରୁ ବଞ୍ଚିତ ହୋଇଛି। ଏ ସମ୍ପର୍କରେ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ କୁହନ୍ତି, ପ୍ରାଥମିକସ୍ତରରେ ରାଶନକାର୍ଡ ହିତାଧିକାରୀଙ୍କୁ ରିଲିଫ ଦିଆଯିବା ପରେ ଅବଶିଷ୍ଟ ବିପନ୍ନଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ରିଲିଫ ପ୍ରଦାନ କରାଯିବ ବୋଲି କହିଛନ୍ତି।


ବ୍ରହ୍ମଗିରି ଅଞ୍ଚଳରେ ଛପର ଉଡ଼ିଯାଇଥିବା ଘର।

## ଥୁଣ୍ଟାଗଛ ଭରସା


ବାତ୍ୟାରେ ଥୁଣ୍ଟା ହୋଇ ରହିଥିବା ପୁରୀ-କଣାସ ରୋଡ୍‌ର ଏକ ଗଛରେ କାଉମାନେ ଆଶ୍ରୟ ନେଇଛନ୍ତି।

## କେନ୍ଦ୍ର, ରାଜ୍ୟ ପଣ୍ୟାଗାର ନିଗମ, ମାର୍କଫେଡ ଗୋଦାମରେ ବ୍ୟାପକ କ୍ଷୟକ୍ଷତି

**ଜଟଣୀ, ୮।୫(ଡି.ଏନ.ଏ.):** ଫନୀର ପ୍ରଭାବରେ ଜଟଣୀ ବ୍ଲକର ୧୫ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟିର ୨୩ ଟି ୱାର୍ଡରେ ବହୁ କ୍ଷୟକ୍ଷତି ହୋଇଛି। ଏପରି କି ବାତ୍ୟାର ୬ ଦିନ ପରେ ବି ଜନଜୀବନ ସ୍ୱାଭାବିକ ହୋଇନାହିଁ। ଅପରପକ୍ଷରେ ଏଠାରେ ଥିବା କେନ୍ଦ୍ରୀୟ ଓ ରାଜ୍ୟ ପଣ୍ୟାଗାର ନିଗମ ସହ ମାର୍କଫେଡର ବଡ ବଡ ଗୋଦାମରେ ମହଜୁଦ ଥିବା ସାମଗ୍ରୀ ନଷ୍ଟ ହୋଇଯାଇଛି। ଏହିସବୁ ଗୋଦାମରେ ପାଣି ପଶି ଯାଇ ମହଜୁଦ୍ ଥିବା ହଜାର ହଜାର ବସ୍ତା ଗହମ, ଚାଉଳ, ସାର ନଷ୍ଟ ହୋଇଯାଇଛି। ଗୋଦାମଗୁଡିକର କେତେକ ଆଜବେଷ୍ଟସ ଭାଙ୍ଗି ଯାଇଥିବାବେଳେ ବହୁ ଉଡି ଯାଇଛି। ମାର୍କଫେଡର ବରିଷ୍ଠ ମ୍ୟାନେଜର (ଇନପୁଟ) ପ୍ରକାଶ କୁମାର ପଟ୍ଟନାୟକ ଓ ଅନ୍ୟ ଅଧିକାରୀ ଭୁବନେଶ୍ୱରରୁ ବୁଧବାର ଏଠାକୁ ଆସି ଗୋଦାମଗୁଡିକର ସ୍ଥିତି ଅନୁଧ୍ୟାନ କରିଥିଲେ। କ୍ଷୟକ୍ଷତିର ଆକଳନ କରାଯାଇଥିବା ମ୍ୟାନେଜର ପଟ୍ଟନାୟକ କହିଛନ୍ତି। ସେହିପରି ଅନ୍ୟ ବିଭାଗର ଥିବା ଗୋଦାମରେ ଥିବା ହଜାର ହଜାର ବସ୍ତା ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ଅନୁଧ୍ୟାନ ଚାଲିଛି। ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଉପରୋକ୍ତ ସାମଗ୍ରୀ ପରିବହନ କରାଯାଇଥାଏ।


ଗୋଦାମରେ ଭିଜିଯାଇଥିବା ମହଜୁଦ ସାମଗ୍ରୀ।

## ଜଟଣୀ ଅଣ୍ଡରଗ୍ରାଉଣ୍ଡରେ ୫ ଫୁଟ ଉଚ୍ଚର ପାଣି ୬ ଦିନ ହେବ ଖୋର୍ଦ୍ଧା-ପିପିଲି ରାସ୍ତା ବିଚ୍ଛିନ୍ନ

ଜଟଣୀ, ୮।୫(ଡି.ଏନ.ଏ.)

ଜଟଣୀ ସୀତାରାମ ଛକସ୍ଥିତ ଅଣ୍ଡରଗ୍ରାଉଣ୍ଡରେ ବାତ୍ୟା ଫନୀ ହେବା ଦିନଠାରୁ ୫ ଫୁଟ ଉଚ୍ଚର ପାଣି ଜମି ରହିଛି। ପାଣି ମଧ୍ୟରେ ଦୁଇଟି ଟ୍ରକ ଫସି ରହିଛି। ଏହାଦ୍ୱାରା ଖୋର୍ଦ୍ଧା-ପିପିଲି ରାସ୍ତା ୬ ଦିନ ହେବ ବିଚ୍ଛିନ୍ନ ହୋଇରହିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସଡକପଥ ବିଚ୍ଛିନ୍ନ ହୋଇ ରହିବା ଦ୍ୱାରା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପିଡିଏସ୍ ସାମଗ୍ରୀ, ପେଟ୍ରୋଲ, ଡିଜେଲ, କିରୋସିନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହୋଇଛି। ଜମି ରହିଥିବା ପାଣି ନିଷ୍କାସନ ଓ ଫସିଥିବା ଟ୍ରକ ବାହାର କରିବା ଉପରେ କେହି ଧ୍ୟାନ ଦେଉନାହାନ୍ତି। ଏଣୁ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜଟଣୀ ଅଣ୍ଡରଗ୍ରାଉଣ୍ଡ ରାସ୍ତାରେ ଜମି ରହିଥିବା ପାଣିରେ ଟ୍ରକ୍ ଫସିରହିଛି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କଲେ ତୃତୀୟ ଶ୍ରେଣୀ ଛାତ୍ର ଉଦୟ

ଭୁବନେଶ୍ୱର, ୮।୫(ବ୍ୟୁରୋ)



ବାତ୍ୟା 'ଫନୀ' ପାଇଁ ଓଡ଼ିଶା ସରକାରଙ୍କୁ ବିଭିନ୍ନ ରାଜ୍ୟରୁ ଆରମ୍ଭ କରି ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦେବା ପାଇଁ ମଧ୍ୟ ନିବେଦନ କରାଯାଇଛି। ଅର୍ଥରାଶି କେବଳ ଯେ ଜଣେ ଧନୀ ଦେଇପାରିବ ତାହା ନୁହେଁ, ଯାହାର ମାନବିକତା ଥିବ ସେ ନିଶ୍ଚୟ ଓଡ଼ିଶାର ଏହି ଖରାପ ସମୟରେ ହାତ ବଢ଼ାଇବ। ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଏଭଳି ସହାୟତାର ହାତ ବଢ଼ାଇ ଉଦାହରଣ ସାଜିଛନ୍ତି ତୃତୀୟ ଶ୍ରେଣୀ ଛାତ୍ର ଉଦୟ କିରଣ ପରିଡ଼ା। ନୂଆଦିଲ୍ଲୀର ଅମ୍ରିତା ବିଦ୍ୟାଳୟରେ ପଢୁଥିବା ଉଦୟ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫୫୧୩ଟଙ୍କା ଦାନ କରିଛନ୍ତି। ବୁଧବାର ସେ ଦିଲ୍ଲୀସ୍ଥିତ ପ୍ରମୁଖ ଆବାସିକ କମିଶନର(ପ୍ରିନ୍ସିପାଲ ରେସିଡେନ୍ସ କମିଶନର) କାର୍ଯ୍ୟାଳୟକୁ ନିଜର ଦୁଇଟି ଘଡ଼ି(ଟଙ୍କା ରଖନ୍ତି) ନେଇ ପହଞ୍ଚିଥିଲେ। ସେଥିରେ ସଞ୍ଚୟ କରି ରଖିଥିବା ସମସ୍ତ ୫୫୧୩ଟଙ୍କାକୁ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି। ଉଦୟ ଏହି ଖରାଦିନରେ ବିଭିନ୍ନ ପାର୍କ ବୁଲିଯିବା ପାଇଁ ଟଙ୍କା ସଞ୍ଚୟ କରିଥିଲେ। ସାମାଜିକ କର୍ମ କ୍ଷେତ୍ରରେ ତାଙ୍କର ଏହି ଅବଦାନକୁ ସମସ୍ତେ ପ୍ରଶଂସା କରିଛନ୍ତି। ପ୍ରାଚୀ ନାୟକ ଓ ରଶ୍ମି ରଞ୍ଜନ ପରିଡ଼ାଙ୍କ ଏକମାତ୍ର ପୁତ୍ର ଉଦୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

■ କଟକ ଜିଲାରେ ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ବଢ଼ୁଛି

# ମିଛ ସରକାରୀ ରିପୋର୍ଟକୁ ନେଇ ଅସନ୍ତୋଷ

■ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ଭେଟିଲେ ବିପନ୍ନ ଲୋକେ
■ ମାହାଙ୍ଗା ବ୍ଲକ୍‌ରେ କୂଅ, ନଦୀ ପାଣି ଉପରେ ନିର୍ଭର କରୁଛନ୍ତି ଲୋକେ
■ ଚାନ୍ଦା ଆଦାୟ କରି ବିଦ୍ୟୁତ୍ ସଂଯୋଗ କରୁଛନ୍ତି ଯୁବକ

କଟକ ଅଫିସ,୮।୫

ବାତ୍ୟା ପରଠାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ବିଶେଷକରି ପାଣି ଓ ବିଦ୍ୟୁତ୍‌କୁ ନେଇ ଲୋକେ ହନ୍ତସନ୍ତ ହେଉଛନ୍ତି। ହେଲେ ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ମିଛ ରିପୋର୍ଟ ଦେଇଚାଲିଛନ୍ତି। ସରକାରୀ କାଗଜପତ୍ରରେ ଲୋକଙ୍କୁ ନିୟମିତଭାବେ ଜଳଯୋଗାଣ କରାଯାଉଛି। ଜିଲାର ୧୮୦ ପାଇପ ଜଳ ପ୍ରକଳ୍ପ ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୧୦୨ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଥିବା କୁହାଯାଇଛି। ବିଦ୍ୟୁତ ସଂଯୋଗ ହୋଇ ନ ଥିବା ପାନୀୟଜଳ ପ୍ରକଳ୍ପକୁ ଜେନେରେଟର ସାହାଯ୍ୟରେ କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ଦୁଇଓଳି ପାଣି ଯୋଗାଣ କରାଯାଉଛି। ଏପରିକି ଯେଉଁସବୁ ଅଞ୍ଚଳକୁ ପାଇପଜଳ ଯୋଗାଣ ହେଉ ନ ଥିଲା ସେସବୁ ଅଞ୍ଚଳକୁ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରାଯାଉଥିବା ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ତେବେ ପ୍ରଶାସନର ଏଭଳି ରିପୋର୍ଟକୁ ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମାହାଙ୍ଗା ବ୍ଲକ୍ ଉଷ୍ଟୁମା ଗ୍ରାମର କେତେଜଣ ଲୋକ ଏନେଇ ବୁଧବାର ବାତ୍ୟା ପରିଚାଳନା ଦାୟିତ୍ୱରେ ଥିବା ଜିଲା ଜରୁରିକାଳୀନ ଅଧିକାରୀ ଅନୀତା ପାତ୍ରଙ୍କୁ ଭେଟିଥିଲେ। ଜେନେରେଟର ଓ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଜରୁରିକାଳୀନ ଅଧିକାରୀ ପାତ୍ର ଜିଲା ଜଳ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ସଞ୍ଜୟ ସାମଲଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଯନ୍ତ୍ରୀ ସାମଲ ସମାନ ଢଙ୍ଗରେ ଜଳଯୋଗାଣ କରାଯାଉଥିବା ନେଇ ଦୃଢତାର ସହିତ କହିଥିଲେ। ମାତ୍ର ଗ୍ରାମବାସୀ ଏହା ସମ୍ପୂର୍ଣ୍ଣ ମିଛ ବୋଲି କହିବା ପରେ ନିର୍ବାହୀଯନ୍ତ୍ରୀ ସାମଲ ତୁରନ୍ତ ସ୍ଥାନୀୟ କନିଷ୍ଠଯନ୍ତ୍ରୀଙ୍କଠାରୁ ବୁଝିବା ପରେ କେମିତି କ'ଣ ଭୁଲ୍ ଭଟ୍‌କା ରହିଯାଇଥିବା ସଫେଇ ଦେଇଥିଲେ। ତେବେ ସନ୍ଧ୍ୟାସୁଦ୍ଧା ଉକ୍ତ ଅଞ୍ଚଳଗୁଡ଼ିକୁ ଜଳଯୋଗାଣ କରାଯିବ ବୋଲି କହିବା ପରେ ଗ୍ରାମବାସୀ ଘରକୁ ଫେରିଥିଲେ। କେବଳ ମାହାଙ୍ଗା ବ୍ଲକ୍ ନୁହେଁ, ବଡମ୍ବା-ନରସିଂହପୁର, ଆଠଗଡ଼, ତିଗିରିଆ, ଟାଙ୍ଗୀ, ବାଙ୍କୀ ଆଦି ଅଞ୍ଚଳକୁ ଜଳଯୋଗାଣ ନେଇ ଯେଉଁ ତଥ୍ୟ ଦିଆଯାଇଛି ତାହାର ସତ୍ୟତାକୁ ନେଇ ସନ୍ଦେହ ଉପୁଜିଛି। ସେହିଭଳି ବିଦ୍ୟୁତ୍ ସେବାକୁ ନେଇ ଦିଆଯାଉଥିବା ରିପୋର୍ଟରେ ମଧ୍ୟ ସତ୍ୟତା ନ ଥିବା ପଦାକୁ ଆସିଛି। କାରଣ ଉପରୋକ୍ତ ଅଞ୍ଚଳକୁ ୯୦ ପ୍ରତିଶତ ବିଦ୍ୟୁତ ସଂଯୋଗ କରାଯାଇଥିବା ପ୍ରଶାସନ ରିପୋର୍ଟ ଦେଉଥିବାବେଳେ ଅଧିକାଂଶ ଅଞ୍ଚଳରେ ଲୋକେ ନିଜ ଭିତରେ ଚାନ୍ଦା କରି ରାତିରେ ଗଛଡାଳ କାଟି, ଗାତ ଖୋଳି ବିଦ୍ୟୁତ୍ ଖୁଣ୍ଟ ପୋତୁଥିବା ଦେଖାଯାଇଛି। ସାଲେପୁର ବ୍ଲକର ଗଙ୍ଗେଶ୍ୱର, ରାଇସୁଙ୍ଗୁଡା ଆଦି ଅଞ୍ଚଳରେ ସ୍ଥାନୀୟ ଯୁବକମାନେ ନିଜେ ଚାନ୍ଦା ଆଦାୟ କରି ମରାମତି କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଚଢ଼ିପାରୁଥିବା ବ୍ୟକ୍ତିଙ୍କୁ ପାରିଶ୍ରମିକ ଦେଇ ଏହି କାମ କରୁଥିବାବେଳେ ଟାଙ୍ଗୀ, ମାହାଙ୍ଗା ଅଞ୍ଚଳରେ ମଧ୍ୟ ସମାନ ଢଙ୍ଗରେ ଲୋକେ ନିଜ ଉଦ୍ୟମରେ ଗାଁକୁ ବିଦ୍ୟୁତ ସଂଯୋଗ କରୁଥିବା ଦେଖାଯାଇଛି।

## ନଦୀରେ ବିଷ, ବଢ଼ିଲା ପାଣି ସମସ୍ୟା

କଟକ ଜିଲାର ମାହାଙ୍ଗା ବ୍ଲକର ରାହାଣିଆ ଓ ଉଷ୍ଟୁମା ପଞ୍ଚାୟତ ଲୋକେ ପିଇବା ପାଣି ପାଇଁ ହୀନସ୍ତା ଭୋଗୁଛନ୍ତି। ଗାଁରେ ଥିବା ଘରୋଇ କୂଅ, ନଳକୂପରୁ ପାଣି ନେଇ ଲୋକେ ପିଉଥିବାବେଳେ କେତେକ ଲୋକେ ଗୋବରୀ ନଦୀର ପାଣି ଉପରେ ନିର୍ଭରଶୀଳ ରହିଛନ୍ତି। ହେଲେ ମାଛ ମାରିବା ପାଇଁ କେତେକ ଖଳପ୍ରକୃତିର ଲୋକେ ମଙ୍ଗଳବାର ରାତିରେ ନଦୀରେ ବିଷ ପକାଇ ଦେଇଥିବାରୁ ବୁଧବାର ସକାଳୁ ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା। ଲୋକେ ଭୟରେ ନଦୀପାଣି ବ୍ୟବହାର କରୁନାହାନ୍ତି। ଫଳରେ ପାଣି ସମସ୍ୟା ଏବେ ଉତ୍କଟ ହେବାରେ ଲାଗିଛି। ଉଷ୍ଟୁମା, ଜାତିପାରିଲୋ, ଗୋକୁଳପୁର, ରାହାଣିଆ ଗ୍ରାମର ଲୋକେ ଗାଧୋଇବା ପାଇଁ ହଇରାଣ ହରକତ ହେଉଛନ୍ତି।

■ ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କଲେ ଡିଜିପି

# ରିଲିଫ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

■ ରିଲିଫ୍ ପରିବହନ, ବଣ୍ଟନରେ ବାଧାସୃଷ୍ଟି କଲେ କାର୍ଯ୍ୟାନୁଷ୍ଠାନ
■ ଦୁଇ ଜିଲାର ଏସ୍‌ପି, ପୋଲିସ କମିଶନରଙ୍କ ସହ ଆଲୋଚନା

ଭୁବନେଶ୍ୱର, ୮।୫(ବ୍ୟୁରୋ)

ବାତ୍ୟା 'ଫନୀ' ଯୋଗୁ ପୁରୀ, ଖୋର୍ଦ୍ଧା, କଟକ ସମେତ ଓଡ଼ିଶାର ୧୫ରୁ ଊର୍ଦ୍ଧ୍ୱ ଜିଲା କ୍ଷତିଗ୍ରସ୍ତ ହୋଇଛି। ୫ ଦିନ ପରେ ବି ବିଶେଷକରି ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଦୁର୍ଦ୍ଦଶା ସବୁଠୁ ବିକଳ ହୋଇଛି। ଖାଦ୍ୟ ଓ ପାଣି ସମସ୍ୟା ଉତ୍କଟ ରହିଛି। ତେବେ ବାତ୍ୟା ପରବର୍ତ୍ତୀ ସ୍ଥିତିରେ କ୍ରମଶଃ ସୁଧାର ଆସୁଥିବାବେଳେ ବର୍ତ୍ତମାନ ବିପନ୍ନଙ୍କୁ ରିଲିଫ ବଣ୍ଟନ ଓ ଥଇଥାନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। କିପରି ବିପନ୍ନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ତାହା ଉପରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ବୁଧବାର ସମୀକ୍ଷା କରିଛନ୍ତି। ବିଶେଷକରି ରିଲିଫ ସାମଗ୍ରୀ କିପରି ଲୋକଙ୍କ ନିକଟରେ ସୁରକ୍ଷିତ ଭାବେ ପହଞ୍ଚିବା ସହ ସୁରୁଖୁରୁରେ ବଣ୍ଟନ ହୋଇପାରିବ ସେନେଇ ଡିଜିପି ଶର୍ମା ବିଭିନ୍ନ ଜିଲାର ଏସ୍‌ପି, ପୋଲିସ କମିଶନର ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପୁରୀ ଜିଲାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚି ପାରୁ ନ ଥିବା ନେଇ ଅଭିଯୋଗ ହେଉଛି। ତେବେ ଭୁବନେଶ୍ୱରରୁ ପୁରୀର ବିଭିନ୍ନ ଅଞ୍ଚଳକୁ ରିଲିଫ ସାମଗ୍ରୀ ଯାଉଥିବାବେଳେ ବାଟରେ ତାହାକୁ କିଛି ଖଳ ପ୍ରକୃତିର ଲୋକ ଲୁଟ୍ କରି ନେଉଥିବା ସୂଚନା ମିଳିଛି। ତେଣୁ ରିଲିଫ୍ ସାମଗ୍ରୀ କିପରି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ ତାହା ଉପରେ ଡିଜିପି ପୁରୀ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଯେଉଁମାନେ ଏଭଳି କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହିତ କମିଶନରେଟ ପୋଲିସ ଅନ୍ତର୍ଗତ କଟକ ଓ ଭୁବନେଶ୍ୱରରେ କିପରି ବିପନ୍ନ ଲୋକଙ୍କ ପାଖରେ ରିଲିଫ ପହଞ୍ଚିପାରିବ ତାହା ଉପରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ସହ ଆଲୋଚନା କରିଛନ୍ତି। ବାତ୍ୟା ପରେ ଅନ୍ଧାରରେ ସୁରୁଖୁରୁରେ ଟ୍ରାଫିକ ପରିଚାଳନା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଆସ୍କା ଲାଇଟ ଲଗାଯାଇଥିଲା। ତେବେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଆସ୍କା ଲାଇଟ ଲଗାଇବାକୁ କୁହାଯାଇଛି। ତେବେ ପାଣି ଟ୍ୟାଙ୍କର ମାଧ୍ୟମରେ ଲୋକଙ୍କ ପାଖରେ ପାଣି ପହଞ୍ଚା ଯାଉଥିବାବେଳେ ତାହା କିପରି ଠିକ୍ ଭାବେ ପାଇପାରିବେ ତାହା ଉପରେ ଡିଜିପି ଆଲୋଚନା କରିଛନ୍ତି। ଲୋକମାନଙ୍କୁ ସୁଖିଲା ଖାଦ୍ୟ ଯୋଗଇଦେବାରେ ପୋଲିସ ସହଯୋଗ କରିବାକୁ ସେ କହିଛନ୍ତି। ଏଥିସହିତ ବିଦ୍ୟୁତ୍ ତାର ସଂଯୋଗ, ରାସ୍ତାରୁ ଗଛ ହଟାଇବାରେ ସେସୁ, ବିଏମ୍‌ସି, ସିଏମ୍‌ସି, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ, ପିଏଚ୍‌ଡିର କର୍ମଚାରୀମାନଙ୍କୁ ସହଯୋଗ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜଗତସିଂହପୁର ଜିଲା ଏସ୍‌ପିଙ୍କ ସହ ଡିଜିପି ଆଲୋଚନା କରିବା ସହ ରିଲିଫ ସାମଗ୍ରୀ କିପରି ଲୋକମାନଙ୍କ ପାଖରେ ସୁରକ୍ଷିତ ଭାବେ ପହଞ୍ଚିବ ତାହା ଉପରେ ଆଲୋଚନା କରିଛନ୍ତି।

■ ରତ୍ନଚିରା ନଦୀଜଳ ପ୍ରଦୂଷିତ

## ବାତ୍ୟାଠୁ ବଳିପଡ଼ୁଛି ଜଳ କଷ୍ଟ

**ସାକ୍ଷୀଗୋପାଳ, ୮।୫(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶତାଧିକ ଗ୍ରାମରେ ବାତ୍ୟାପରେ ଏବେ ଜଳକଷ୍ଟ ଦେଖାଦେଇଛି। ପିଇବା ପାଇଁ ସ୍ୱଚ୍ଛ ପାନୀୟ ଜଳ ନ ମିଳିବାରୁ ପାଣି ମୁନ୍ଦାଏ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ପାଣି ନ ଥିବାରୁ ନିତ୍ୟକର୍ମ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ କେତେକ ନଳକୂପ ଥିଲା ସେଗୁଡ଼ିକର ପାଣି ଲବଣାକ୍ତ ହେବା ସହିତ ଅନ୍ୟକେତେକ ଭାଙ୍ଗି ଯାଇଛି। ବିଦ୍ୟୁତ୍ ନ ଥିବାରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ସମ୍ଭବ ହୋଇପାରିନାହିଁ। ଯେଉଁମାନେ ବୋରିଂରୁ ମୋଟର ଯୋଗେ ପାଣି ଉଠାଉଥିଲେ ସେମାନଙ୍କ ଅବସ୍ଥା ସଙ୍ଗୀନ ହୋଇପଡ଼ିଛି। ଏଭଳି ସ୍ଥିତିରେ କାଦୁଆ, ଜୟପୁର, ପେଣ୍ଡପଡ଼ା, ବୀରରାମଚନ୍ଦ୍ରପୁର, ମୂଳଅଳସା ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାୟ ୧୫ ହଜାର ଲୋକେ ଏହି ନଦୀ ଉପରେ ନିର୍ଭର କରୁଥିଲେ। ବାତ୍ୟ ପ୍ରଭାବରେ ନଦୀର ଜଳ କଳା ପଡ଼ିଯାଇଛି। ଏହାକୁ ବ୍ୟବହାର କରିବା ଦୂରେ ଥାଉ ପଚା ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ନଦୀ ପାର୍ଶ୍ୱରେ ରହିଥିବା ଗ୍ରାମର ଲୋକମାନେ ଅତିଷ୍ଠ ହୋଇପଡ଼ିଲେଣି। ମାଛ ମରି ଭାସୁଥିବା ଦେଖି ପାଣି ପ୍ରଦୂଷିତ ହୋଇଛି ବୋଲି ଆଶଙ୍କା କରାଯାଉଛି। ନଦୀ ମଧ୍ୟରେ କଳିକତି ଦଳ, ଅମରି ଗଛ, ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର, ଗଛଲତା ପଡ଼ିବା ଫଳରେ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଖରା ତାତି ସାଙ୍ଗକୁ ଜଳକଷ୍ଟ ଦୂର କରିବା ନିମନ୍ତେ କେନାଲ ପାଣି ଛାଡ଼ିବା ଏବଂ ନଦୀ ମଧ୍ୟରେ ଜମି ରହିଥିବା ଅବାର୍ଜନା ସଫାକରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ରତ୍ନଚିରା ନଦୀର ପାଣି କଳା ରଙ୍ଗ ହୋଇଯାଇଛି।

## ୧୯୬ ଗୃହପାଳିତ ପଶୁଙ୍କ ପ୍ରାଣହାନୀ, ୧୩୨୩ଙ୍କ ଚାଲିଛି ଚିକିତ୍ସା

**ସାକ୍ଷୀଗୋପାଳ, ୮।୫(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ବ୍ଲକର ଫନୀ ବିପ୍ୟାତକୁ ୭ ଦିନ ବିତିଛି। ଇତିମଧ୍ୟରେ ପ୍ରଶାସନ ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ କରିବା ସହ ବାତ୍ୟାରେ ମୃତାହତ ଗୃହପାଳିତ ପଶୁଙ୍କ ଆକଳନ କରିଛି। ସତ୍ୟବାଦୀ ବ୍ଲକର ସମୁଦାୟ ୨୪ପଞ୍ଚାୟତରେ ୧୯୬ ଗୃହପାଳିତ ପଶୁଙ୍କ ପ୍ରାଣହାନୀ ଘଟିଛି। ଅନେକ ଗୁହାଳ ଉପରେ ଗଛ ଭାଙ୍ଗି ପଡ଼ିବା ଯୋଗୁ ଚାପି ଗାଈ ଗୋରୁ ମୃତାହତ ହୋଇଛନ୍ତି। ଏଥିମଧ୍ୟରେ ୮୦ ଟି ଗାଈ, ୨୨ ଟି ବଳଦ, ୪ ଟି ମଇଁଷି, ୩୬ ଟି ଛଡ଼ା ଓ ବାଛୁରୀ ସହିତ ୫୪ ଟି ଛେଳିମେଣ୍ଢା ରହିଛନ୍ତି। ଏହା ସହ ଫାର୍ମ ଏବଂ ଘରେ ପାଳନ କରାଯାଉଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡା ମୃତ୍ୟୁବରଣ କରିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ବାତ୍ୟାମାଡରେ କ୍ଷତାକ୍ତ ହୋଇଥିବା ୧୩୨୩ ଗୃହପାଳିତ ପଶୁଙ୍କ ଚିକିତ୍ସା ନିମନ୍ତେ ୩ଟି ରାପିଡ ରେସପନ୍ସ ଟିମ୍ (ଆର୍‌ଆର୍‌ଟି)ଙ୍କୁ ନିୟୋଜିତ କରାଯାଇଛି। ସେମାନେ ଗାଁକୁ ଗାଁ ବୁଲି ନିୟମିତ ଚିକିତ୍ସା ସେବା ଯୋଗାଇଦେଉଥିବା ସ୍ଥାନୀୟ ପଶୁ ଚିକିତ୍ସକ ଡା.ବିଶ୍ୱରଞ୍ଜନ ବେହେରା ସୂଚନା ଦେଇଛନ୍ତି। ସାକ୍ଷୀଗୋପାଳ ପଶୁଚିକିତ୍ସା କେନ୍ଦ୍ରରେ ନୋଡାଲ ଅଧିକାରୀ ପଶୁସମ୍ପଦ ବିଭାଗର ଉପନିର୍ଦ୍ଦେଶକ ଡା.ଅନନ୍ତ ପ୍ରସାଦ ପଣ୍ଡା ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ଡାକ୍ତରୀ ଦଳ ସହ ବିଭାଗର ସମସ୍ତ କର୍ମଚାରୀ, ଗୋମିତ୍ର ଏବଂ ଚେନ୍ନାଇରୁ ଆସିଥିବା ୧୭ଜଣିଆ ଟିମ୍ ପଶୁମାନଙ୍କର ଚିକିତ୍ସା ସହିତ ରାସ୍ତା ଉପରେ ପଡ଼ିଥିବା ଗଛ କାଟି ସ୍ୱାଭାବିକ ଅବସ୍ଥା ଫେରାଇଆଣିବାକୁ ଉଦ୍ୟମ ଚଳାଇଛନ୍ତି। ଗୃହପାଳିତ ପଶୁଙ୍କ ନିମନ୍ତେ ଗୋଖାଦ୍ୟ ଯୋଗାଇଦେବାକୁ ଲୋକେ ଦାବି କରିଛନ୍ତି।

■ ରିଲିଫ୍ ସାମଗ୍ରୀ ପହଞ୍ଚିବାରେ ଅବହେଳା

## ରାଜ୍ୟ ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚିବାରେ ଅବହେଳା ନେଇ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ବୁଧବାର ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାର ତଦନ୍ତ କରି ସମସ୍ୟାର ସମାଧାନ କରିବାସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପୁରୀ ଏବଂ ଖୋର୍ଦ୍ଧା ଜିଲାର କିଛି ଅଞ୍ଚଳରେ ରିଲିଫ ସାମଗ୍ରୀ ପହଞ୍ଚି ନ ଥିବା ନେଇ ଲୋକମାନେ ଅଭିଯୋଗ କରିଥିଲେ। ରିଲିଫ ସାମଗ୍ରୀ ବିପିଏଲ୍ କାର୍ଡଧାରୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ଅନ୍ୟମାନେ ଏଥିରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ଏହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିବାରୁ ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏସବୁ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନ୍‌ଏଚ୍‌ଆରସି ଏହା ଉପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିପିଏଲ୍ କାର୍ଡ ନ ଥିବା ଲୋକ ଏବଂ କ୍ଷତିଗ୍ରସ୍ତ ଲୋକମାନଙ୍କ ନିକଟରେ ରନ୍ଧାଖାଦ୍ୟ ପହଞ୍ଚା ଯାଉଥିବା ରାଜ୍ୟ ସରକାର କହିଛନ୍ତି।

■ ବିଦ୍ୟୁତ୍ ସଂଯୋଗରେ ପାତରଅନ୍ତର ଅଭିଯୋଗ

## ବମିଖାଲରେ ରାସ୍ତାରୋକୋ

କଟକରୋଡ,୮।୫(ଡି.ଏନ.ଏ)

ରାଜଧାନୀରେ ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କୁ ଅତିଷ୍ଠ କରିଛି। ଦୀର୍ଘଦିନ ଧରି ଲୋକେ ଅନ୍ଧାରରେ ରହିବା ପରେ ବିଦ୍ୟୁତ୍ ସଂଯୋଗରେ ପାତରଅନ୍ତର କରାଯାଉଛି। ଏଭଳି ପ୍ରତିବାଦରେ ବୁଧବାର ରାତି ପ୍ରାୟ ୧୦ଟାରେ ବମିଖାଲ ଇମ୍ପା କାର୍ଯ୍ୟାଳୟ ସମ୍ମୁଖରେ ବହୁ ଲୋକ ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିକଟରେ ଥିବା ଆପାର୍ଟମେଣ୍ଟକୁ ରାତିରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବେଳେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସେସୁ ଅଧିକାରୀ ଅଣଦେଖା କରୁଛନ୍ତି। ଯେଉଁଠାରେ ଲୋକେ ଅଧିକାରୀଙ୍କୁ ସନ୍ତୁଷ୍ଟ କରୁଛନ୍ତି, ସେମାନଙ୍କୁ ସଂଯୋଗ ଦିଆଯାଉଛି। ଏ ନେଇ ପ୍ରାୟ ଅଧ ଘଣ୍ଟା ବମିଖାଲର ଉଭୟ ପାଖ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଲକ୍ଷ୍ମୀସାଗର ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ କଳ୍ପନା-୨ ସେକ୍ସନ ଅଞ୍ଚଳରେ ଥିବା ଝାରପଡ଼ାରେ କେତେକ ସ୍ଥାନରେ ଲାଇନ ଦିଆଯିବା ଓ ଅନ୍ୟପଟେ କେତେକ ଲୋକେ ନ ପାଇବା ନେଇ ବୁଧବାର ରାତିରେ ଅସନ୍ତୋଷ ପ୍ରକାଶ ପାଇଥିଲା ବହୁ ସଂଖ୍ୟକ ଲୋକେ ସେକ୍ସନ କାର୍ଯ୍ୟାଳୟରେ ହୋହଲ୍ଲା କରିଥିଲେ। ସେଠାରେ ମଧ୍ୟ ପାତରଅନ୍ତର ନେଇ ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରସୁଲଗଡ଼ ବିଦ୍ୟୁତ୍ ସବ୍‌ଡିଭିଜନ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା କୁହନ୍ତି, ବମିଖାଲରେ ଦିଆଯାଇଥିବା ଆପାର୍ଟମେଣ୍ଟକୁ ଲାଇନର ବ୍ୟବସ୍ଥା ଅଲଗା ରହିଛି। ଏହା ଲୋକେ ବୁଝିବା ଦରକାର। ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଦିଆଯିବା ପରେ ଲୋକେ କେତେକ କାରଣ ନେଇ ଅଭିଯୋଗ କରୁଛନ୍ତି। ଆମେ ଚାହିଁଲେ ସମ୍ପୂର୍ଣ୍ଣ ଅଞ୍ଚଳକୁ ବାଧ୍ୟ ହୋଇ ବିଦ୍ୟୁତ୍ ସେବା ବନ୍ଦ କରିଦେବୁ। ରାସ୍ତାରୋକୋ ହେଲେ ଲୋକଙ୍କୁ ବୁଝାଇବା ଦାୟିତ୍ୱ ପୋଲସିର ବୋଲି କହି ଯନ୍ତ୍ରୀ ବେହେରା ଘଟଣା ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

## ସମସ୍ତ ପମ୍ପ ହାଉସ୍‌କୁ ମିଳିଲା ବିଦ୍ୟୁତ୍ ସଂଯୋଗ

**ଭୁବନେଶ୍ୱର,୮।୫(ବ୍ୟୁରୋ):** ଭୁବନେଶ୍ୱରକୁ ପାନୀୟ ଜଳ ଯୋଗାଉଥିବା ସମସ୍ତ ପମ୍ପ ହାଉସରେ ବୁଧବାର ବିଦ୍ୟୁତ୍ ସଂଯୋଗ କରାଯାଇଛି। ପିଇବା ପାଣି ବ୍ୟବସ୍ଥା ନ ଥିବା ଅଞ୍ଚଳକୁ ଏକ ହଜାର ଲିଟର ପାନୀୟ ଜଳ ଟ୍ୟାଙ୍କ ପଠାଯାଉଛି। ଲୋକମାନେ ସେଠାରୁ ପାଣି ଭରିପାରିବେ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ବିଏମ୍‌ସି ଓ ପିଏଚ୍‌ଡି ପକ୍ଷରୁ ମଧ୍ୟ କେତେକ ସ୍ଥାନରେ ପାଣି ଯୋଗାଇ ଦିଆଯାଉଛି।

# ଶ୍ରୀହିନ ବାଣୀବିହାର

ଭୁବନେଶ୍ୱର,୮।୫(ବ୍ୟୁରୋ)

ଛାରଖାର ହୋଇଯାଇଛି ବାଣୀବିହାରର ସବୁଜିମା ପରିବେଶ। ଯେଉଁଆଡ଼େ ଚାହିଁଲେ ସିଆଡ଼େ ବାତ୍ୟା ବିଭିଷୀକା। ଦଶନ୍ଧି ଦଶନ୍ଧି ଧରି ଏହି ପୁରାତନ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହୋଇରହିଥିବା ବିଶାଳ ବୃକ୍ଷମାନ ଏବେ ଧରାଶାୟୀ। କେଉଁଠି ପାଚେରି ଭାଙ୍ଗିଯାଇଛି ତ କେଉଁଠି ଗଛପଡ଼ି ବିଲ୍‌ଡିଂ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ହେବାର ଇତିମଧ୍ୟରେ ୫ଦିନ ବିତିଯାଇଥିବା ବେଳେ କ୍ୟାମ୍ପସ୍‌ର ଅବସ୍ଥା କିନ୍ତୁ ସୁଧୁରିନି। ଗଛ କଟାଯାଇ କେବଳ କିଛି ରାସ୍ତା ସଫା କରାଯାଇଛି। ହେଲେ ଅଧିକାଂଶ ରୋଡ୍ ଏବେ ବି ବନ୍ଦ ଅଛି। କେବଳ ବାଣୀବିହାରରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ବେଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଶ୍ୱବିଦ୍ୟାଳୟକୁ ବନ୍ଦ ରଖାଯାଇଛି।

ରାଜଧାନୀର ହୃଦୟ ଉପରେ ଥିବା ବାଣୀବିହାର କଂକ୍ରିଟ୍ ଜଙ୍ଗଲ ମଧ୍ୟରେ ସବୁଜିମାର ଏକ ଆକର୍ଷଣୀୟ ଦୃଶ୍ୟ ସୃଷ୍ଟି କରୁଥିଲା। ରାଜ୍ୟର ଏହି ସର୍ବପୁରାତନ ବିଶ୍ୱବିଦ୍ୟାଳୟରେ ରହିଥିଲା ବହୁ ପୁରାତନ ବୃକ୍ଷ। ହେଲେ 'ଫନୀ' ସେ ସବୁକୁ ଧରାଶାୟୀ କରିଦେଇଛି। ଇଂଲିଶ ଡିପାର୍ଟମେଣ୍ଟକୁ ଯିବାକୁ ବାଟ ନ ଥିବାବେଳେ ଏହା ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଛି। ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍‌ଡିଂ ମଧ୍ୟ ବହୁଳ ପ୍ରଭାବିତ ହୋଇଛି। ପ୍ରାୟତଃ ସବୁ ଡିପାର୍ଟମେଣ୍ଟ ପାଚେରି ଭାଙ୍ଗିଯାଇଥିବା ବେଳେ ଲେଡିଜ୍ ହଷ୍ଟେଲ୍ ଗେଟ୍ ବି ଭାଙ୍ଗିଯାଇଛି। କ୍ୟାମ୍ପସ୍ ପରିସରରେ ଥିବା ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ବିପଦଜନକ ଭାବେ ପଡ଼ିଥିଲେ ମଧ୍ୟ ଏଯାଏ ଖୁଣ୍ଟ ଉଠାଇବାକୁ କୌଣସି କର୍ମଚାରୀ ଯାଇନାହାନ୍ତି। ସେହିଭଳି କ୍ୟାମ୍ପସ୍ ଭିତରେ ଥିବା ଜଗନ୍ନାଥ ମନ୍ଦିର ପାଚେରି ଭାଙ୍ଗିଯାଇଛି। ବାଣୀବିହାର ସ୍କୁଲ ମଧ୍ୟ ବାତ୍ୟାରେ କ୍ଷତିଗସ୍ତ ହୋଇଛି। କ୍ୟାମ୍ପସ୍‌ରେ ଏଯାବତ୍ ପାଣି କି ଲାଇଟ୍ ନାହିଁ। କାଁ ଭାଁ ଟ୍ୟାଙ୍କର ଆସି କ୍ୱାର୍ଟର୍ସଗୁଡ଼ିକରେ ରହୁଥିବା ଲୋକଙ୍କୁ ପାଣି ଯୋଗାଉଛି। ବିଶ୍ୱବିଦ୍ୟାଳୟ ଏବେ ବନ୍ଦ ରହିଥିବା ବେଳେ ବାତ୍ୟା ପୂର୍ବରୁ ହଷ୍ଟେଲ୍‌ଗୁଡ଼ିକୁ ଖାଲି କରାଯାଇଥିବାରୁ ଏଠାରେ କୌଣସି ଛାତ୍ରୀଛାତ୍ର ନାହାନ୍ତି।



ବାଣୀବିହାର ପରିସର ରାସ୍ତାରେ ପଡ଼ିରହିଥିବା ବିଦ୍ୟୁତ୍ ଖୁଣ୍ଟ।



ବାଣୀବିହାର ପରିସରରେ ପଡ଼ିରହିଥିବା ଗଛ।



ଗଛ ପଡ଼ି ନଷ୍ଟ ହୋଇଥିବା ପାଚେରି।



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।
- ଲୁଇସ୍ ବ୍ରାଣ୍ଡିସ୍



## ସଂକ୍ଷେପରେ

### ସିବିଏସ୍‌ଇ ଦଶମ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶତପ୍ରତିଶତ ସଫଳତା

**ଭୁବନେଶ୍ୱର,୮।୫(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି। ୪୦% ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କୌସ୍ତୁଭ ଆନନ୍ଦ ବେହେରା ମୋଟ ୯୮ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ସାଇନା ସାଲୋନିକା ଓ ସମୀକ୍ଷା ସାମନ୍ତରାୟ ୯୭.୬ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

### ରିଲିଫ ଟଙ୍କା ପାଇଁ କଡ଼ା ସୁରକ୍ଷା

**ବାଲିଅନ୍ତା,୮।୫(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକରେ ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ ଆକାରରେ ନଗଦ ୨ହଜାର ଲେଖାଏ ଟଙ୍କା ବଣ୍ଟନ ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟରେ ୩୨ଲକ୍ଷ ଟଙ୍କା ସରକାର ପକ୍ଷରୁ ଆସିଥିଲା। ଏହି ଟଙ୍କାକୁ ୧୬ଟି ପଞ୍ଚାୟତକୁ ପ୍ରତ୍ୟହ ୨ଲକ୍ଷ ଟଙ୍କା ବଣ୍ଟନ ପାଇଁ କାର୍ଯ୍ୟାଳୟରୁ ପଠାଯାଇଥିଲା। ଏହି ରିଲିଫ ଟଙ୍କାକୁ କଡ଼ା ସୁରକ୍ଷା ମଧ୍ୟରେ ବିଭିନ୍ନ ପଞ୍ଚାୟତକୁ ପଠାଯିବା ପାଇଁ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଟଙ୍କା ନେବା ପାଇଁ ପୋଲିସ ପକ୍ଷରୁ ଜଣେ ବନ୍ଧୁକଧାରୀ ଓ ଜଣେ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଥିଲା। ବ୍ଲକ ହେଡ କ୍ୱାର୍ଟରରେ ଟଙ୍କା ଜଗିବା ପାଇଁ ୪ଜଣ ପୋଲିସ କର୍ମଚାରୀଙ୍କ ମୁତୟନ କରାଯାଇଥିଲା। ଆଡସିନାଲ ଡିସିପି ତ୍ରିନାଥ ମିଶ୍ର ଓ ଆଇଆଇସି ପ୍ରଦୀପ ରାଉତ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି କିଭଳି ଟଙ୍କା ସୁରକ୍ଷିତ ଭାବେ ବଣ୍ଟନ କେନ୍ଦ୍ରରେ ପହଞ୍ଚି ପାରିବ ତାହା ତଦାରଖ କରିଥିଲେ। ବ୍ଲକର ୨୪ହଜାର ୨୮ଜଣ ରାଶନ କାର୍ଡଧାରୀଙ୍କ ବଣ୍ଟନ ପାଇଁ ୪କୋଟି ୮୧ଲକ୍ଷ ୩୬ହଜାର ଟଙ୍କା ଆବଶ୍ୟକ ରହିଛି। ପର୍ଯ୍ୟାୟର ପ୍ରଥମ ଦିନରେ ୧୦୦ଜଣ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯାଇଛି।

### ଉଜୁଡ଼ିଗଲା ଗ୍ରାମ୍ୟ ଜଙ୍ଗଲ

**ବାଲିଅନ୍ତା,୮।୫(ଡି.ଏନ୍.ଏ.):** ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ରାଜଧାନୀ ଉପକଣ୍ଠସ୍ଥିତ ବାଲିଅନ୍ତା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାରର ହଜାର ହଜାର ଗଛ ଭାଙ୍ଗିଯାଇଛି। ବାଲିଅନ୍ତା ଭଳି ସବୁଜିମା ଭରା ପରିବେଶ ଏବେ ସମ୍ପୂର୍ଣ୍ଣ ବୃକ୍ଷଶୂନ୍ୟ ହୋଇପଡ଼ିଛି। ବିଶେଷ ଭାବେ ଜଙ୍ଗଲ ବିଭାଗ ପକ୍ଷରୁ ଗତ ୬ବର୍ଷ ତଳେ କୁଆଖାଇ ନଦୀକୂଳ ଓ ପୁରୀ ମୁଖ୍ୟ କେନାଲ ପାର୍ଶ୍ୱରେ ଲଗାଯାଇଥିବା ଗ୍ରାମ୍ୟ ଜଙ୍ଗଲ ଉଜୁଡିଯାଇଛି। ନହରକଣ୍ଟାର କୁଆଖାଇ ନଦୀକୂଳରେ ଥିବା ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହୋଇଯାଇଥିବା ବେଳେ ଭୁବନପୁର, ବଇଁଚୁଆ, କଣ୍ଟାପୋଠ, ଇନ୍ଦ୍ରପାଳ ପ୍ରଭୃତି ଗ୍ରାମ ନିକଟରେ ଶୋଭାପାଉଥିବା ଗଛଗୁଡିକ ଉପୁଡି ପଡିଛି। ଏହି ଗ୍ରାମ୍ୟ ଜଙ୍ଗଲଟିରେ ସ୍ଥାନୀୟ ବାସିନ୍ଦା ତଥା ରାଜଧାନୀବାସୀଙ୍କ ବଣଭୋଜି ପାଇଁ ଭିଡ଼ ଜମୁଥିଲା। ଏହି ସବୁଜମୟ ଜଙ୍ଗଲ ବାତ୍ୟା ପ୍ରଭାବରେ ପଡ଼ି ଏବେ ଖାଁ ଖାଁ ଦେଖାଯାଉଛି।

### ଜଳ, ବିଦ୍ୟୁତ୍ ପାଇଁ ଲୋକେ ହନ୍ତସନ୍ତ

**ବାଲକାଟୀ,୮।୫(ଡି.ଏନ୍.ଏ.):** ବାତ୍ୟା ପରେ ବିଦ୍ୟୁତ ଓ ଜଳ ନ ପାଇ ବାଲକାଟୀ ଅଞ୍ଚଳର ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରି କି ବର୍ତ୍ତମାନ ସୁଦ୍ଧା ରାସ୍ତାରେ ପଡିଥିବା ଶତାଧିକ ବିରାଟ ଗଛ, ବିଦ୍ୟୁତ୍ ଖୁଣ୍ଟ ନ ଉଠାଯାଇଥିବାରୁ ବିଭିନ୍ନ ପଞ୍ଚାୟତକୁ ଗମନାଗମନରେ ବାଧା ଉପୁଜୁଛି। ବିଦ୍ୟୁତ ସେବାରେ ସଚଳ ହେବା ପାଇଁ ଆହୁରି ମାସାଧିକ ସମୟ ଲାଗିପାରେ ବୋଲି ବିଭାଗୀୟ କର୍ମଚାରୀମାନେ କହୁଥିବା ବେଳେ ଏ ଯାଏ କାମ ଆରମ୍ଭ ହୋଇ ନ ଥିବା ଦେଖାଦେଇଛି। ଗତ ୨ଦିନ ହେବ ପ୍ରତାପଶାସନ ପଞ୍ଚାୟତରେ ଡିଜି ଲଗାଇ ଦିନକୁ ଘଣ୍ଟାଏ ଲେଖାଏ ପାନୀୟ ଜଳ ଯୋଗାଇ ଦିଆଯିବାରୁ କେତେକ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ବାତ୍ୟା ପରେ ବିଭିନ୍ନ କାରଣରୁ ଆଘାତ ପାଇ ୪ଦିନ ମଧ୍ୟରେ ୮ଶହ ରୋଗୀ ବାଲକାଟୀରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଖାନାରେ ରାତି ସମୟରେ ବିଦ୍ୟୁତ ସେବା ନ ଥିବାରୁ ଚିକିତ୍ସା ସମ୍ପୂର୍ଣ୍ଣ ଠପ ହୋଇପଡିଛି।

# ଶିରି ହରାଇଛି ଶ୍ରୀ ବିହାର



କ୍ଷତିଗ୍ରସ୍ତ ହୋଇଥିବା ଏଷ୍ଟାବ୍ଲିଶମେଣ୍ଟ ସେକ୍ସନ୍।

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ୍, ୮।୫**

ବାତ୍ୟା ଫନୀରେ ଛାରଖାର ହୋଇଯାଇଛି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଶ୍ରୀ ବିହାର)। କ୍ୟାମ୍ପସ ପରିସରରେ ଥିବା ଶତାଧିକ ବଡ ଗଛ, ଝାଉଁ ଗଛ ନଷ୍ଟ ହୋଇଛି। ସେହିପରି ୨୩ଟି କୋଠା ପ୍ରଭାବିତ ହୋଇଛି। ଏଥିରେ ୮ଟି ବିଭାଗ ରହିଛି। ପ୍ରଶାସନିକ କୋଠା, ଲାଇବ୍ରେରୀ, ପ୍ରାର୍ଥନା ଗୃହ, ପରୀକ୍ଷା ଗୃହ, ଏକାଉଣ୍ଟ ସେକ୍ସନ, ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ଜିମ୍ନାଷ୍ଟିକ କକ୍ଷ, ୨ ଛାତ୍ରାବାସ, ଗବେଷଣା କେନ୍ଦ୍ର ସମେତ ସମସ୍ତ କୋଠା କ୍ଷତିଗ୍ରସ୍ତ ହୋଇଛି। ମୋଟ ୨୫କୋଟି ଟଙ୍କାର କ୍ଷୟକ୍ଷତି ଘଟିଥିବା କୁଳପତି ପ୍ରଫେସର ରାଧାମାଧବ ଦାଶ ବୁଧବାର ସୂଚନା ଦେଇଛନ୍ତି। କ୍ଷୟକ୍ଷତି ରିପୋର୍ଟ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି ବୋଲି କୁଳପତି ଦାଶ କହିଛନ୍ତି।

ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ରଙ୍କ ସୂଚନା ଅନୁଯାୟୀ, ପରୀକ୍ଷା ବିଭାଗର ବହୁ ରେକର୍ଡପତ୍ର, ସାର୍ଟିଫିକେଟ ନଷ୍ଟ ହୋଇଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ପରୀକ୍ଷା ଅନିର୍ଦ୍ଦିଷ୍ଟ କାଳ ଲାଗି ଘୁଞ୍ଚାଇ ଦିଆଯାଇଛି। ସେହିପରି ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ମହାପାତ୍ର କହିଛନ୍ତି, ରେଜିଷ୍ଟ୍ରାର କାର୍ଯ୍ୟାଳୟର ବ୍ୟାପକ କ୍ଷତି ଘଟିଛି। ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ପାଣି ପଶି ବହୁ ରେକର୍ଡପତ୍ର ନଷ୍ଟ ହୋଇଛି। ଲାଇବ୍ରେରୀ ତତ୍ତ୍ୱାବଧାରକ ପ୍ରଫେସର ପ୍ରଳୟ ନନ୍ଦ କହିଛନ୍ତି, ୧୯୯୨ରେ ତତ୍କାଳୀନ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ବି.ଏମ୍.ବିରଳା ଗ୍ରନ୍ଥାଗାର ନାମରେ ନାମିତ ଏହି ଗ୍ରନ୍ଥାଗାରରେ ୭୦ହଜାରରୁ ।ରହିଛି। ବାତ୍ୟା ପ୍ରଭାବରେ ପ୍ରାୟ ୨୦ରୁ ୩୦ହଜାର ପାଠ୍ୟ ପୁସ୍ତକ ନଷ୍ଟ ହୋଇଛି। ଚାରିପଟ ଝରକା, କବାଟ ଭାଙ୍ଗିପଡ଼ିଛି। ଲାଇବ୍ରେରୀରେ ପାଣି ଓ ବାଲି ପଶିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରହିଥିବା ଗବେଷଣା କେନ୍ଦ୍ରରେ ମଧ୍ୟ କ୍ଷୟକ୍ଷତି ଘଟିଛି ବୋଲି କହିଛନ୍ତି ପ୍ରଫେସର କମଳେଶ ମିଶ୍ର। ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସଂକ୍ରାନ୍ତୀୟ ବହୁ ମୂଲ୍ୟବାନ ପୁସ୍ତକ ଏଠାରେ ରହିଛି। ବାତ୍ୟା ଫନୀ ସବୁ ଉଜାଡି ଦେଇଛି ବୋଲି ସେ କହିଛନ୍ତି। ବାତ୍ୟା ପରଦିନ ଅର୍ଥାତ ୪ତାରିଖରେ ଗବେଷଣା ଅଧିକାରୀ ଡ. ନିରଞ୍ଜନ କର ଏବଂ କେତେଜଣ ଛାତ୍ରଙ୍କ ସହାୟତାରେ ବହୁ ମୂଲ୍ୟବାନ ପୁସ୍ତକ ଉଦ୍ଧାର କରାଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା କହିଛନ୍ତି ଯେ, ବାତ୍ୟାରେ ଶତାଧିକ ଝାଉଁ ଓ ବଡ ଗଛ ପଡ଼ିଯାଇଛି। ବିଶ୍ୱବିଦ୍ୟାଳୟର ସବୁଜିମା ଛିନ୍‌ଭିନ୍ ହୋଇଯାଇଛି। ୨୦୦୮ ଜୁଲାଇ ୭ତାରିଖରେ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସରେ ୧ଲକ୍ଷ ୫୦ହଜାର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇଥିଲା। ବାତ୍ୟାରେ ଏହି ପାଣି ଟାଙ୍କି ଭୁଶୁଡ଼ିପଡ଼ିଛି।

**୨୫ କୋଟିର କ୍ଷତି**
- ଭାଙ୍ଗିଛି ବହୁ କୋଠା, ଉଜୁଡ଼ିଛି ସବୁଜିମା
- ଶତାଧିକ ପୁସ୍ତକ, ପୋଥି, ରେକର୍ଡପତ୍ର ନଷ୍ଟ

### ସଦାଶିବ କ୍ୟାମ୍ପସ: ଦେଢ଼କୋଟିର କ୍ଷତି

**ପୁରୀ ଅଫିସ୍, ୮।୫**

ପୁରୀସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ କ୍ୟାମ୍ପସର ଦେଢ କୋଟି ଟଙ୍କାର କ୍ଷତି ଘଟିଛି ବୋଲି ଅଧ୍ୟକ୍ଷ ପ୍ରଫେସର ଏଚ୍.କେ. ମହାପାତ୍ର ବୁଧବାର ସୂଚନା ଦେଇଛନ୍ତି। ଏ ନେଇ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ କୁଳପତିଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଶାସ୍ତ୍ରୀ, ଆଚାର୍ଯ୍ୟ ପରୀକ୍ଷାକୁ ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସଦାଶିବ କ୍ୟାମ୍ପସ ପରିସରରେ ରହିଥିବା ସମ୍ମିଳନୀ କକ୍ଷ, ସମସ୍ତ ୧୨ଟି ବିଭାଗୀୟ କୋଠା, ୧୫ଟି ଶୀତତାପ ନିୟନ୍ତ୍ରଣ କକ୍ଷ, ଆକାଡେମିକ ଓ ଗ୍ରନ୍ଥାଗାରର ଝରକା କବାଟ ସମେତ ସିସିଟିଭି ନଷ୍ଟ ହୋଇଛି। କମ୍ପ୍ୟୁଟର ଲ୍ୟାବରେ ପାଣି ପଶି ୨୦ଟି କମ୍ପ୍ୟୁଟର ନଷ୍ଟ ହୋଇଛି। କ୍ୟାମ୍ପସ ପରିସରସ୍ଥ ଛାତ୍ରୀନିବାସ ଏବଂ ପେଣ୍ଠକଟାସ୍ଥିତ ଛାତ୍ରାବାସରେ ମଧ୍ୟ ବହୁ କ୍ଷତି ଘଟିଛି। ଉଭୟ ଛାତ୍ରାବାସର ୧୨ଟି ପାଣିଟାଙ୍କି ନଷ୍ଟ ହୋଇଯାଇଛି ବୋଲି ଅଧ୍ୟକ୍ଷ ପ୍ରଫେସର ମହାପାତ୍ର କହିଛନ୍ତି।



କରତି ସେବକମାନେ ଖଳାରେ ରଥକାଠ କାଟୁଛନ୍ତି।

## ରଥଖଳାରେ କାମ ଆରମ୍ଭ

**ପୁରୀ ଅଫିସ,୮।୫**

ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ରଥ ନିର୍ମାଣ କାମରେ ଲାଗିପଡ଼ିଛନ୍ତି ମହାରଣା ସେବକ ଏବଂ ଭୋଇ ସେବକ। ଭୋଇ ସେବକମାନେ କାଠ ଯୋଗାଇ ଦେଇଥିବାବେଳେ ବୁଧବାର କରତି ସେବକ କରତରେ କାଠ କାଟିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବାତ୍ୟାରେ ଭାଙ୍ଗି ପଡିଥିବା ରଥଖଳାକୁ ପୁଣି ତିଆରି କରାଯାଇଛି। ମାତ୍ର ବୁଧବାର ସୁଦ୍ଧା ଏହା ଉପରେ ଟାଞ୍ଚ ପକାଯାଇ ପାରି ନ ଥିବା ଜଣାପଡ଼ିଛି।

## ୧୦୦ବର୍ଷର ପୁରୁଣା ବରଗଛ ଉପୁଡ଼ିଲା

**ବାଲିଅନ୍ତା,୮।୫(ଡି.ଏନ୍.ଏ.)**

ବାତ୍ୟା ଫନୀର ତାଣ୍ଡବରେ ବାଲିଅନ୍ତା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ବଡ଼ ବଡ଼ ବରଗଛ ଓ ଆମ୍ବଗଛ ଉପୁଡି ପଡିଛି। ସେହିଭଳି ବଇଁଚୁଆ ଗ୍ରାମରେ ଥିବା ଏକ ବିରାଟ ବଡ ବରଗଛ ଚେର ସହ ଉପୁଡି ପଡିଯାଇଥିବାରୁ ଗ୍ରାମବାସୀ ଝୁରୁଛନ୍ତି। ଏକଶହ ବର୍ଷ ତଳର ଏହି ବରଗଛଟି ବଇଁଚୁଆର ଜଗତି ତଥା ଗାନ୍ଧୀଛକରେ ଥିଲା। ଏପରିକି ୧୯୯୯ ମହାବାତ୍ୟା ସମୟରେ ଗଛଟିର କୌଣସି କ୍ଷତି ହୋଇ ନଥିଲା। ଏହି ବରଗଛରେ ଥିବା ଚାନ୍ଦିନୀରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳରୁ ଆସୁଥିବା ଲୋକେ ଗଛ ଛାଇରେ ବସି ଥକା ମେଣ୍ଟାଉଥିଲେ। ଏହି ଫନୀ ପ୍ରଭାବରେ ଗଛଟି ସମ୍ପୂର୍ଣ୍ଣ ଚେର ସହ ଉପୁଡି ଯାଇଥିବା ବେଳେ ଗଛ ନିକଟରେ ଥିବା ତ୍ରିନାଥ ମନ୍ଦିର ମଧ୍ୟ ଭୁଶୁଡି ପଡିଛି। ଏ ନେଇ ଗ୍ରାମର ବାବାଜୀ ସାହୁ ଓ ସୁଦାମ ବେହେରା କୁହନ୍ତି, ଏହି ଗଛଟି ଗାଁ ଲୋକଙ୍କ ପାଇଁ ଶୁଭ ଓ ବରଦାନ ସଦୃଶ ଥିଲା। ଗ୍ରାମର ବିପିନ ବାରିକ ଓ ରବୀନ୍ଦ୍ର ସାହୁ କୁହନ୍ତି, ଏହି ଶତାୟୁ ବରଗଛଟି ଉପୁଡି ପଡିବାରୁ ଆମ ଗାଁ ଛକ ଏବେ ଶ୍ରୀହୀନ ହୋଇପଡିଛି।

## ୩ଦିନରେ ୫୦ହଜାର ଲୋକଙ୍କୁ ମିଳିଲା ସହାୟତା



ଜଣେ ଅଧିକାରୀ ବିପନ୍ନ ମହିଳାଙ୍କୁ ଅର୍ଥରାଶି ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଛି। ସୋମବାରଠାରୁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ତୃତୀୟ ଦିନରେ ମୋଟ ୬୭ଟି ୱାର୍ଡ଼ର ୨୭ହଜାର ଲୋକଙ୍କୁ ୨ହଜାର ୫ଶହ ଟଙ୍କାର ସହାୟତା ସହ ୫୦ କେଜି ଚାଉଳ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୋଟ ୫୦ହଜାର ଲୋକଙ୍କୁ ସହାୟତା ରାଶି ମିଳିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ୧ଲକ୍ଷ ୪ହଜାର ୮ଶହ ୧୪ଜଣଙ୍କୁ ବିଏମ୍‌ସି ଏହି ସହାୟତା ରାଶି ପ୍ରଦାନ କରିବ। ସହାୟତା ବଣ୍ଟନ ସ୍ଥଳରେ ଚାପା ଉତ୍ତେଜନା ଭୟରେ ପୋଲିସ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଉଲ୍ଲେଖ ଥାଉ କି, କ୍ଷତିଗ୍ରସ୍ତ ଲୋକଙ୍କୁ ୨୬କୋଟି ୨୦ଲକ୍ଷ ୩୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଅନ୍ୟପକ୍ଷେ ରିଲିଫ କାର୍ଯ୍ୟ ୩ଦିନରେ ସାରିବା ଲାଗି ନିର୍ଦ୍ଦେଶ ଥିବାବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତାହା ସରିବ ନାହିଁ ବୋଲି ବିଏମ୍‌ସିର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି।

## ଖୋର୍ଦ୍ଧା ଜିଲାପାଳଙ୍କ ବାଲିଅନ୍ତା ବ୍ଲକ ଗସ୍ତ

**ବାଲିଅନ୍ତା/ବାଲକାଟୀ, ୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆଇଏଏସ୍ ଅଫିସର ଭୂପିନ୍ଦର ସିଂ ପୁନିଆ ପ୍ରଥମଥର ଲାଗି ବୁଧବାର ପୂର୍ବାହ୍ନ ୯ଟାରେ ବାଲିଅନ୍ତା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ୪୫ମିନିଟ ରହି ଫନୀ ପ୍ରଭାବରେ ୧୬ଟି ପଞ୍ଚାୟତରେ କ୍ଷୟକ୍ଷତି ହୋଇଥିବା ବିପନ୍ନଙ୍କୁ କିଭଳି ରିଲିଫ ବଣ୍ଟାଯିବା କାର୍ଯ୍ୟରେ ତ୍ୱରାନ୍ୱିତ କରାଯିବ ସେ ସମ୍ପର୍କରେ ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡିଓ ରଶ୍ମିରେଖା ପ୍ରଧାନ ଓ ବାଲିଅନ୍ତା ବ୍ଲକ ପାଇଁ ଅବସ୍ଥାପିତ ଅତିରିକ୍ତ ଶାସନ ସଚିବ ସୁଧାକର ବର୍ଗ ଓ ଯୁଗ୍ମ ସଚିବ ଦେବାଶିଷ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ରିଲିଫ ସମୀକ୍ଷା ପରେ ବିଡିଓ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ସଚିବ, ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ ଓ ସପ୍ଲାଏ ଇନ୍ସପେକ୍ଟରଙ୍କୁ ନେଇ ଏକ ବୈଠକ ହୋଇଥିଲା। ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସରକାରୀ ଘୋଷଣା କରିଥିବା ୨୦୦୦ଟଙ୍କା ପ୍ରଦାନ କରିବା ପାଇଁ ବୈଠକରେ ଜିପିଓ, ପିଇଓ ଓ ଜେଇମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

## ରେଡକ୍ରସ୍ ସଦସ୍ୟଙ୍କ ସହ ବୁଲି ରିଲିଫ ବାଣ୍ଟିଲେ ରାଜ୍ୟପାଳ

**ବିଶ୍ୱ ରେଡକ୍ରସ୍ ଦିବସ**

**ଭୁବନେଶ୍ୱର,୮।୫(ବ୍ୟୁରୋ)**



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଜଣେ ବିପନ୍ନଙ୍କୁ ରିଲିଫ ଦେଉଛନ୍ତି।

ବାତ୍ୟା ଫନୀ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷତି ଘଟିଛି। ରାଜ୍ୟପାଳ ତଥା ରେଡକ୍ରସର ସଭାପତି ପ୍ରଫେସର ଗଣେଶୀ ଲାଲଙ୍କ ତତ୍ତ୍ୱାବଧାନରେ ବୁଧବାର ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖା ପକ୍ଷରୁ ରେଡକ୍ରସର ପ୍ରତିଷ୍ଠାତା ସାର୍ ଜନ୍ ହେନରୀ ଡନାଣ୍ଟଙ୍କ ଜନ୍ମଦିବସ ତଥା ବିଶ୍ୱ ରେଡକ୍ରସ ଦିବସକୁ ନିରାଡ଼ମ୍ବର ତଥା ସାଧାରଣ ଭାବେ ପାଳନ କରାଯାଇଛି। ଏହି ଅବସରରେ ରାଜଭବନଠାରେ ରାଜ୍ୟପାଳଙ୍କ ଦ୍ୱାରା ବିଦ୍ୟାଙ୍ଗ(ଦୃଷ୍ଟିବାଧିତା)ଙ୍କ ପାଇଁ ପ୍ରାଥମିକ ଚିକିତ୍ସା ପୁସ୍ତିକା ଉନ୍ମୋଚିତ କରାଯାଇଛି। 'ରେଡକ୍ରସ ସମ୍ବନ୍ଧରେ ଆପଣଙ୍କୁ କ'ଣ ଭଲ ଲାଗେ' ଅନୁଚିନ୍ତାରେ ଚଳିତବର୍ଷ ଏହି ସମାରୋହର ଆୟୋଜନ କରାଯାଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାଭିମାନର ଅଧ୍ୟକ୍ଷ ଡ. ଶ୍ରୁତି ମହାପାତ୍ର ଯୋଗ ଦେଇଥିବା ବେଳେ ରେଡକ୍ରସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଦିବସକୁ ଜନସାଧାରଣଙ୍କ ସେବାରେ ଉତ୍ସର୍ଗୀକୃତ କରାଯାଇଛି ବୋଲି ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖା ସଚିବ ମେଜର କଳ୍ପନା ଦାସ କହିଛନ୍ତି। ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇବା ଲାଗି ପରାମର୍ଶ ଦେଇଥିଲେ। ଏହାସହ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବାଲିଅନ୍ତା ଅଞ୍ଚଳର ପୁରଣ ଓ ଏରକଣ୍ଟା ପ୍ରଭୃତି ଗ୍ରାମକୁ ରାଜ୍ୟପାଳ ଗସ୍ତ କରି ରେଡକ୍ରସ୍ ସଦସ୍ୟଙ୍କ ସହ ରିଲିଫ ବଣ୍ଟନ କରିଥିଲେ।

## ବାତ୍ୟାରେ ଛିଡ଼ି ପଡିଥିବା ବିଦ୍ୟୁତ୍ ତାର ଚୋରି

**ବାଲକାଟୀ,୮।୫(ଡି.ଏନ୍.ଏ.)**

ବାତ୍ୟା ଫନୀ ଯୋଗୁ ରାଜଧାନୀ ସମେତ ବହୁ ଅଞ୍ଚଳରେ ବିଭିନ୍ନ ପ୍ରକାରର କ୍ଷତି କରିଥିବା ବେଳେ ଚୋରଙ୍କ ପାଇଁ ଏକ ପ୍ରକାରର ସୁଯୋଗ ପାଲଟିଛି। ବାତ୍ୟାରେ ବହୁ ସଂଖ୍ୟାରେ ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟର ତାରକୁ ଚୋରି କରିବାରେ ଲାଗି ପଡ଼ିଛନ୍ତି ବାଲକାଟୀ ଅଞ୍ଚଳର କେତେକ ଚୋର। ଏହି ଅଞ୍ଚଳରେ ଶତାଧିକରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଥିବା ଯୋଗୁ ଏଲ୍‌ଟି ଲାଇନ, ୧୧କେଭି ଏବଂ ୩୩କେଭି ତାର ଛିଡ଼ି ୨/୩ ଦିନ ହେଲା ସେଭଳି ତଳେ ପଡି ରହିଥିଲା। ଏହିସବୁ ତାର କାଟି ସୁରକ୍ଷିତ ରଖିବା ବିଦ୍ୟୁତ ବିଭାଗ କର୍ମଚାରୀ କାର୍ଯ୍ୟ ଥିବାବେଳେ ତା'ଉପରେ କେତେକ ତାର ଚୋରଙ୍କ ଲୋଲୁପ ଦୃଷ୍ଟି ପଡିଛି। ସୂଚନାଯୋଗ୍ୟ, ବାଲକାଟୀ ଅଞ୍ଚଳର କିଛି ନିର୍ଦ୍ଦିଷ୍ଟ ଗ୍ରାମ କଂସା, ପିତ୍ତଳ ଶିଳ୍ପ ପାଇଁ ପ୍ରସିଦ୍ଧ। ଏହି ଶିଳ୍ପ ପାଇଁ କଞ୍ଚାମାଲ ରୂପେ ଆଲୁମିନିୟମ ବ୍ୟବହାର ଥିବାବେଳେ କଞ୍ଚାମାଲର ଅଭାବ ରହିଥାଏ। ତେଣୁ କେତେକ ତାର ଚୋର ରାଜ୍ୟ ବିଭିନ୍ନ ଅଞ୍ଚଳରୁ ବିଦ୍ୟୁତ ତାର ଓ ଟେଲିଫୋନ କେବୁଲ ଚୋରି କରି ସେଥିରୁ ତମ୍ବା ସଂଗ୍ରହ କରି ଏହି ଅଞ୍ଚଳରେ ବିକ୍ରି କରନ୍ତି। ଏବେ ଫନୀ ଦ୍ୱାରା ଛିଡି ପଡିଥିବା ତାରଗୁଡିକୁ ଚୋରମାନେ ରାତି ସମୟ ଦେଖି କଟର ସାହାଯ୍ୟରେ କାଟି ଚାରିଚକିଆ ଯାନ ସାହାଯ୍ୟରେ ଚୋରି କରୁଛନ୍ତି। ବିଦ୍ୟୁତ ବିଭାଗର କାମ କରୁଥିବା ଜନୈକ କର୍ମଚାରୀଙ୍କ କହିବା ମୁତାବକ, ମଙ୍ଗଳବାର ରାତିରେ ପୁରୀ ମୁଖ୍ୟ କେନାଲ ରାସ୍ତାରେ ପ୍ରାୟ ୧କି.ମି. ପର୍ଯ୍ୟନ୍ତ ପଡିଥିବା ତାରକୁ ଚୋରି କରି ନେଇଛନ୍ତି। ସେହିଭଳି ଅନ୍ୟ ଏକ ସ୍ଥାନରୁ ତାର ଚୋରି କରି ଆଣୁଥିବା ବେଳେ ଜଣେ ସେସୁ କର୍ମଚାରୀ ପାଟ୍ରୋଲିଂ କରୁଥିବାରୁ ଚୋରମାନେ ତାର ଛାଡି ପଳାଇଥିଲେ।

### ■ ରିଲିଫ, ପାନୀୟଜଳ ଯୋଗାଉନି ପ୍ରଶାସନ

## ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଲେ ମହିଳା

**ପୁରୀ ଅଫିସ୍, ୮।୫**

- ରିଲିଫ ନ ମିଳିବା ପର୍ଯ୍ୟନ୍ତ ଜାରି ରହିବ ଦାବି
- ଧାରଣା ବେଳେ ଉତ୍ତେଜନା ପରିସ୍ଥିତି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣା ଦେଇଛନ୍ତି।

ପୁରୀ ସହରକୁ ଉଜାଡ଼ି ଦେଇଛି 'ଫନୀ'। ସହରର ଏକାଧିକ ବସ୍ତି ଛାରଖାର ହୋଇ ଯାଇଛି। ବାତ୍ୟାର ୫ଦିନ ପରେ ବି ଲୋକଙ୍କୁ ରିଲିଫ୍, ପାନୀୟଜଳ ଯୋଗାଇ ପାରିନି ପ୍ରଶାସନ। ଏ ନେଇ ଗୌଡବାଡ଼ ସାହି ନିକଟ ଆଶ୍ରମ ଛକ ମହେଶ୍ୱର ବସ୍ତିର ଶତାଧିକ ମହିଳା ବୁଧବାର ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିଲେ। ମାତ୍ର ଜିଲାପାଳଙ୍କୁ ଭେଟିବା ପାଇଁ ସେମାନଙ୍କୁ ପୋଲିସ ଛାଡ଼ି ନ ଥିଲା। ଫଳରେ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହାସତ୍ତ୍ୱେ କୌଣସି ଅଧିକାରୀ ଅଭିଯୋଗ ଶୁଣି ନ ଥିଲେ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ରିଲିଫ ନ ପାଇବା ପର୍ଯ୍ୟନ୍ତ ଧାରଣରୁ ହଟିବେ ନାହିଁ ବୋଲି ମହିଳାମାନେ ଜିଦ୍ ଧରିଥିଲେ। ଅଧିକାଂଶ ମହିଳା ସେଠାରେ ଦୀର୍ଘସମୟ ଧରି ଶୋଇ ରହିଥିଲେ। ଅପରାହ୍ନ ୩ଟାରେ ଅତିରିକ୍ତ ଏସ୍‌ପି ପି.କେ. ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ରିଲିଫ୍ ସାମଗ୍ରୀ ଓ ପାନୀୟଜଳ ଯୋଗାଇ ଦିଆଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ଉକ୍ତ ବସ୍ତିର ସୁକୁମାର ମିଶ୍ର, ରାଧାଗୋବିନ୍ଦ ଭୋଇ ଓ ସନ୍ୟାସୀ ପାତ୍ର ପ୍ରମୁଖ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଅଧିକାଂଶଙ୍କ ଘର ଉପରେ ଗଛ ଏବଂ ରାସ୍ତାରେ ବିଦ୍ୟୁତ ଖୁଣ୍ଟି, ଟାୱାର ପଡ଼ିରହିଛି। ଏହାକୁ ହଟାଇବା ଲାଗି କୌଣସି ବ୍ୟବସ୍ଥା କରାଯାଉନାହିଁ। ଗଛ ପଡ଼ି ୨ଟି ରାସ୍ତା ଅବରୋଧ ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଛି। ଏ ନେଇ ପୁରୀ ଜିଲା ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ନୂତନ ଜିଲାପାଳ ସିଂଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛି। ମଙ୍ଗଳବାରଠାରୁ ୱାଟର ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ସେହିପରି ଅନ୍ୟାନ୍ୟ ସୁବିଧା ମଧ୍ୟ ଯୋଗାଇ ଦିଆଯିବ।

## ଗୋଦାମରେ ନାହିଁ ରିଲିଫ ଚାଉଳ

ବାଲିଅନ୍ତା,୮।୫(ଡି.ଏନ୍.ଏ.): ଫନୀ ଦ୍ୱାରା ବାଲିଅନ୍ତା ବ୍ଲକର ରାଶନ କାର୍ଡଧାରୀଙ୍କୁ ରିଲିଫରେ ୨ହଜାର ଟଙ୍କା ଓ ୫୦କି.ଗ୍ରା. ଚାଉଳ ମାଗଣାରେ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ରହିଛି। ଏହି ବ୍ଲକ ପାଇଁ ୨୩ହଜାର କୁଇଣ୍ଟାଲ ଚାଉଳ ଆବଶ୍ୟକତା ଥିବାବେଳେ ଗୋଦାମ ଗୃହରେ ଚାଉଳ ନାହିଁ। ଗୋଦାମରେ ୪୫୦୦କୁଇଣ୍ଟାଲ ଚାଉଳ ରହିପାରିବ। ଏହି ଗୋଟିଏ ଗୋଦାମରୁ ବାଲିଅନ୍ତା ଓ ବାଲିପାଟଣା ବ୍ଲକଦ୍ୱୟକୁ ଖାଦ୍ୟ ସୁରକ୍ଷା ଯୋଜନାର ଚାଉଳ ଓ ଗହମ ଯୋଗାଯାଉଛି। ଏବେ ଗୋଦାମରେ ୧୭୦୦କୁଇଣ୍ଟାଲ ରହିଛି। ବୁଧବାରରୁ ରିଲିଫ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କେବଳ ବଇଁଚୁଆ ପଞ୍ଚାୟତରେ ଷ୍ଟକ ଥିବା ଚାଉଳରୁ ଅଳ୍ପଜଣଙ୍କୁ ବଣ୍ଟାଯାଇଛି। ଅନ୍ୟ ୪୮ଟି ରିଟେଲର ଓ ପଞ୍ଚାୟତ ପଏଣ୍ଟ ପାଇଁ ରିଲିଫ ଚାଉଳ ପହଞ୍ଚି ପାରିନାହିଁ। ଏ ନେଇ ଯୋଗାଣ ଅଧିକାରୀ ଏସ.କେ. ଭୂୟାଁ କୁହନ୍ତି, ପ୍ରଶାସନ ତୁରନ୍ତ ଚାଉଳ ଯୋଗାଇବା ସହ ଗୋଦାମରୁ ବଣ୍ଟନ କେନ୍ଦ୍ରକୁ ଚାଉଳ ଉଠାଗଲେ ସମସ୍ୟା ଦୂର ହେବ ବୋଲି କହିଛନ୍ତି।

### ବାତ୍ୟା ଉଜାଡ଼ିଦେଲା ସଂସାର

## ଖାଲି ହାତରେ ଝିଅ ବିଦାକଲେ କୈଳାସ

ମନୋଜ କୁମାର ସ୍ୱାଇଁ
ନରାଜ, ୭।୫(ଡି.ଏନ୍.ଏ)

- ମା' ପାଇଁ ଘର ଛାଡି ପାରିଲେନି କୈଳାସ
- ଏବେ ଦୁଇଓଳି ଖାଇବାକୁ ମିଳୁନି

ସାମୁଦ୍ରିକ ଝଡ଼ ଫନୀ। ପିଲାଠୁ ବୁଢା, ଫନୀ କୋପରୁ କେହି ବି ବର୍ତ୍ତି ପାରିନାହାନ୍ତି। ଏବେ ଫନୀ ଚାଲିଯାଇଛି, ହେଲେ ସେହି ସମୟର ହୃଦୟ ବିଦାରକ ଦୃଶ୍ୟ ଅନେକ ଲୋକଙ୍କ ସମେତ କଟକ କାଠଯୋଡୀ ବିହାରର ବାସିନ୍ଦା କୈଳାସ ବେହେରାଙ୍କ ମନରେ ଅଲିଭା ଛାପ ଛାଡି ଦେଇ ଯାଇଛି। ବାତ୍ୟା ସମୟର ସେହି କଥାକୁ ବଖାଣିଲେ କୈଳାସଙ୍କ ଆଖିରେ ଲୁହ ଜକେଇ ଆସୁଛି। ଝିଅ ବାହାଘର କେଉଁ ବାପକୁ ଆନନ୍ଦ ନ ଦିଏ। ହେଲେ ସେଇ ଆନନ୍ଦ ଏବେ ଦୁଃଖରେ ବଦଳି ଯାଇଛି। ନବ ବିବାହିତ କନ୍ୟାକୁ ଶାଶୁଘରକୁ ବିଦା କରିଦେଲେ, ହେଲେ ବାହାଘର ପାଇଁ ଆଣିଥିବା ସାମଗ୍ରୀ ଦେଇପାରିଲେ ନାହିଁ। ଫନୀ ପ୍ରଭାବରେ ଉକ୍ତ ସାମଗ୍ରୀ ସବୁ ନଷ୍ଟ ହୋଇଯାଇଛି। ଏବେ ଦିନକୁ ଦୁଇ ଓଳି ଠିକ୍ ଭାବେ ଖାଇବାକୁ ମିଳୁନି ବୋଲି କୋହଭରା କଣ୍ଠରେ କୈଳାସ କହିଛନ୍ତି।

ଦୁଇ ପୁଅ ଆକାଶ ଓ ବିକାଶ, ଝିଅ, ସ୍ତ୍ରୀ ପ୍ରମିଳା ଓ ୧୦୭ ବର୍ଷର ବୁଢୀ ମାଆ ନିଶାମଣୀକୁ ନେଇ କୈଳାସଙ୍କ ପରିବାର। ପ୍ରାୟ ୨୩ବର୍ଷ ହେବ କାଠଯୋଡ଼ି ନଦୀ ପଠାରେ ଥିବା ବସ୍ତିରେ ଗୋଟିଏ ବଖରା ଚାଳଘର କରି ନିଜ ପରିବାରକୁ ନେଇ କୈଳାସ ରହି ଆସୁଥିଲେ। କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ସେଥିପାଇଁ ସେ ୩୫ଟି ଗାଈ ଓ ବାଛୁରୀ ରଖିଥିଲେ। ସେମାନଙ୍କ ରହିବା ପାଇଁ ସେ ଘର ନିକଟରେ ଏକ ଗୁହାଳ ତିଆରି କରିଥିଲେ। କ୍ଷୀର ବିକିବା ପରେ ଯାହାକିଛି ରୋଜଗାର ହୁଏ ସେଥିରେ ପରିବାର ଚଳିଯାଏ। ସେଥିରୁ କିଛି କିଛି ଅର୍ଥକୁ ସଞ୍ଚୟ କରି ଝିଅ ବାହାଘର ପାଇଁ ବିଭିନ୍ନ ସାମଗ୍ରୀ କିଣି ଘରେ ରଖିଥିଲେ। ଗତ ଗୁରୁବାର କୈଳାସ ଝିଅ ବାହାଘର କରିଥିଲେ। ପରେ ଜ୍ୱାଇଁ ସହିତ ଝିଅକୁ ଶାଶୁଘରକୁ ପଠାଇ ଦେଇଥିଲେ। ହେଲେ ରାତିରେ ବର୍ଷାପବନ ହେବାରୁ ସ୍ତ୍ରୀ ପ୍ରମିଳାଙ୍କୁ ନିକଟସ୍ଥ ଏକ କୋଠାଘରକୁ ପଠାଇ ଦେଇଥିଲେ। ହେଲେ ମା' ନିଶାମଣୀ ନିଜ ଘର ଛାଡି ଯିବାକୁ ରାଜି ହୋଇ ନ ଥିଲେ। ଶୁକ୍ରବାର ସକାଳୁ ଆରମ୍ଭ ହୋଇଥିବା ଝଡବର୍ଷା। ମଧ୍ୟାହ୍ନ ପ୍ରାୟ ୧୨.୩୦ ବେଳକୁ ଏହା ଉଗ୍ରରୂପ ନେଇଥିଲା। ଏପରି କି ଘରୁ ବାହାରିବା କଷ୍ଟକର ହୋଇପଡିଥିଲା। ଘର ଭିତରେ ଦୁଇ ପୁଅ, ମାଆ ଓ କୈଳାସ ରହିଥିଲେ। ହଠାତ ଅପରାହ୍ନ ପ୍ରାୟ ୨ଟା ଏକ ବଡ ଚାକୁଣ୍ଡା ଡାଳ କୈଳାସଙ୍କ ଘର ଉପରେ ପଡ଼ିଥିଲା। ବାହାରେ ବର୍ଷାପବନ, କିଛି ସମୟ ପର୍ଯ୍ୟନ୍ତ ଘରୁ ବାହାରି ଯିବୁ ନା ନାହିଁ ସେ ନେଇ ନିଷ୍ପତ୍ତି ନେଇ ପାରି ନ ଥିଲୁ ବୋଲି କୈଳାସ କହିଥିଲେ। ଅନ୍ୟପକ୍ଷରେ ଗୋରୁଙ୍କୁ ଛାଡି ନିଜେ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ କୈଳାସଙ୍କ ବିବେକ ବାଧା ଦେଇଥିଲା। ବାତ୍ୟାରେ ଘର ସହ ଭିତରେ ଥିବା ଝିଅ ବାହାଘର ବାବଦକୁ ସାମଗ୍ରୀ ସବୁ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ଗୁହାଳରେ ଥିବା ଗୋରୁମାନେ ସୁରକ୍ଷିତ ଥିବାବେଳେ ବାହାରକୁ ଚରିବାକୁ ଯାଇଥିବା ଗୋଟିଏ ଗୋରୁର ଝଡତୋଫାନରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଏ ଦୁଃଖ ସାରା ଜୀବନ ପାଇଁ ମନେ ରହିବ ବୋଲି କୈଳାସ କୋହଭରା କଣ୍ଠରେ କହିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ରିଲିଫ ଓ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।


ଦୁଃଖରେ ଭାଙ୍ଗିପଡ଼ିଥିବା କୈଳାସ ଓ ତାଙ୍କ ପରିବାର।

## ଚାଇନା ଜେନେରେଟର କିଣି ଲୋକେ ହଟହଟା

ପ୍ରଶାନ୍ତ ଦାଶ
କଟକ ରୋଡ, ୮।୫(ଡି.ଏନ.ଏ.)

ବାତ୍ୟା 'ଫନୀ' ପରବର୍ତ୍ତୀ ଲୋକଙ୍କ ଯନ୍ତ୍ରଣାକୁ ବଢାଇ ଦେଇଛି। ଗତ ଶୁକ୍ରବାରଠାରୁ ବିଦ୍ୟୁତ୍ ନ ଥିବାରୁ ପାଣି, ଖାଦ୍ୟ ଓ ନାନାଦି ସମସ୍ୟାରେ ଘାଣ୍ଟି ହେଉଛନ୍ତି ଲୋକେ। ଏବେ ଖରା ବଢି ଚାଲିଥିବାବେଳେ ଗରମରେ ଲୋକେ ଆଉଟପାଉଟ ହେଉଛନ୍ତି। ପାଣି ସମସ୍ୟାବି ସହରୀ ଜୀବନକୁ ଦୁର୍ବିଷହ କରିଦେଇଛି। ତେଣୁ ଟିକେ ପବନ ଓ ଆଲୁଅ ପାଇଁ ଲୋକେ ଜେନେରେଟର ଦୋକାନରେ ଭିଡ ଜମାଉଛନ୍ତି। ବିଦ୍ୟୁତ୍ ସଂଯୋଗ ଯେତିକି ବିଳମ୍ବ ହେଉଛି ଜେନେରେଟରର ଚାହିଦା ସେତିକି ପରିମାଣରେ ବଢିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଜେନେରେଟରର ମୂଲ୍ୟ ବଜାରରେ ବହୁଗୁଣ ବଢିଯାଇଛି।

ଭୁବନେଶ୍ୱର କଟକରୋଡ ଅଞ୍ଚଳରେ ବହୁସଂଖ୍ୟକ ଜେନେରେଟର ଦୋକାନ ଥିବାବେଳେ ସମସ୍ତ ଦୋକାନରେ ଗହଳି ଲାଗିରହୁଛି। ଏହି ପରିସ୍ଥିତିରେ ବିଭିନ୍ନ ନାମୀ କମ୍ପାନୀ ଜେନେରେଟର ଯୋଗାଣ ପ୍ରାୟତଃ ବନ୍ଦ ରହିଥିବା ବେଳେ ଚାଇନା ତିଆରି ଜେନେରେଟର ଦାମ ମନଇଚ୍ଛା ବୃଦ୍ଧି ପାଇଛି। ଅତିକମ୍‌ରେ ପ୍ରତ୍ୟେକ ଜେନେରେଟର ପିଛା କେତେଜଣ ବ୍ୟବସାୟୀ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲାଭ ରଖୁଥିବା ଅଭିଯୋଗ ହେଉଛି। ପୂର୍ବରୁ ୩ କିଲୋୱାଟ ଜେନେରେଟରର ଦାମ୍ ୨୫ ହଜାର ଟଙ୍କା ଥିବାବେଳେ ଏବେ ଏହା ବୃଦ୍ଧି ପାଇ ୪୫ ହଜାର ଟଙ୍କାରେ ବିକ୍ରି ହେଉଛି। ହେଲେ କେତେକ ଜେନେରେଟର ବିକ୍ରି ହେବାର ଗୋଟିଏ ଦିନ ପରେ ଖରାପ ହୋଇଯାଉଛି। ବ୍ୟବସାୟୀ ଗ୍ରାହକଙ୍କୁ ବିଲ୍ ଦେଉ ନ ଥିବାରୁ ଖରାପ ହେଉଥିବା ଜେନେରେଟର ମରାମତି ପାଇଁ ଲୋକେ ଅସୁବିଧା ଭୋଗୁଛନ୍ତି। ଶୈଳଶ୍ରୀବିହାର ଅଞ୍ଚଳରେ ରହୁଥିବା ପ୍ରମୋଦ ପାତ୍ର କୁହନ୍ତି, ଗତ ୩ ଦିନ ପୂର୍ବେ ଏକ ଚାଇନା ଜେନେରେଟର ସେଟ୍ କିଣିବାର ଗୋଟିଏ ଘଣ୍ଟା ପରେ ତାହା ଖରାପ ହୋଇଯାଇଥିଲା। ସେହିଭଳି ଅନୁରୂପ ଅଭିଯୋଗ ଆଣିଛନ୍ତି ପୁନାମାଗେଟ ନିକଟରେ ରହୁଥିବା ପ୍ରୀତିରଞ୍ଜନ ବିଶ୍ୱାଳ। ଯେହେତୁ କଳାବଜାର ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ ତେଣୁ ମନଇଚ୍ଛା ଦର ନେଉଛନ୍ତି ବ୍ୟବସାୟୀ। ବିଦ୍ୟୁତ୍ ମରାମତି ବିଳମ୍ବ ଯୋଗୁ ଲୋକେ ବାଧହୋଇ ଚଢାଦାମ ଦେଇ ଜେନେରେଟର କିଣୁଛନ୍ତି ବୋଲି କହିଛନ୍ତି ଛାତ୍ର ସଞ୍ଜୟ ଗୁପ୍ତା। ୩ ମାସ ପୂର୍ବରୁ ୩ କିଲୋୱାଟ ଜେନେରେଟର ୨୮ ହଜାର ଟଙ୍କାରେ ବିକ୍ରି ହେଉଥିଲା। ଏବେ ତାହା ୪୫ ହଜାର ଟଙ୍କାରେ ବିକ୍ରି କରାଯାଉଛି। ଏଭଳି ପରିସ୍ଥିତିରେ କୌଣସି ପଦକ୍ଷେପ ନିଆ ନ ଯିବା ନିଶ୍ଚିତ ଚିନ୍ତାଜନକ ବୋଲି କଟକ ରୋଡ ଅଞ୍ଚଳର ଜଣେ ବ୍ୟବସାୟୀ ମନ୍‌ଜିତ୍ କୌର କହିଛନ୍ତି। ଅନ୍ୟପକ୍ଷରେ କେତେଜଣ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଲୋକଙ୍କ ଚାହିଦା ଯେତିକି ରହୁଛି ତାହାକୁ ମେଣ୍ଟାଇବା ସହଜ ହେଉନାହିଁ। ରାଜ୍ୟ ବାହାରର ବ୍ୟବସାୟୀ ଓଡ଼ିଶାରେ ବାତ୍ୟା ହୋଇଥିବା ଜାଣିବା ପରେ ଜେନେରେଟରର ଦାମ୍ ବଢାଇଛନ୍ତି। ଆମେ ଅଳ୍ପ ଲାଭ ରଖି ବିକ୍ରି କରୁଛୁ ବୋଲି ସେମାନେ କହିଛନ୍ତି।


କଟକ ରୋଡର ଏକ ଦୋକାନରେ ଜେନେରେଟର କିଣିବାକୁ ଲୋକଙ୍କ ଭିଡ଼।

## କେହି ଶୁଣୁନାହାନ୍ତି କି ଆସୁନାହାନ୍ତି



ବିଶେଶ୍ୱର ବସ୍ତିର ବାତ୍ୟା ବିପନ୍ନ ଓ ଗଛ ପଡ଼ିବା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଘର। (ଫଟୋ- ବିକାଶ ନାୟକ)

ସସ୍ମିତା ପାଇକରାୟ
ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟା ଚାଲିଗଲା, ହେଲେ ଆମକୁ ଅନେକ ଦୁର୍ଦ୍ଦଶା ଦେଇଗଲା। ଆଖିରୁ ଲୁହ ପୋଛିବାକୁ କେହି ନାହାଁ। ଦୁଃଖ ଶୁଣିବାକୁ କେହି ନାହାନ୍ତି। ଖରାତରାରେ ଭଙ୍ଗାଘରେ ପଡ଼ି ରହିଛୁ। ବିପଜ୍ଜନକ ଭାବେ ଘର ଉପରେ ଭଙ୍ଗା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ିରହିଛି। ତଥାପି ପିଲାଛୁଆ ନେଇ ସେମିତି ରହୁଛୁ। କେହି ଶୁଣୁନାହାନ୍ତି କି ଆସୁନାହାନ୍ତି। ଭଡ଼ାରେ ରହୁଛୁ ବୋଲି ଆମର କେହି ନାହାନ୍ତି। ନା ରିଲିଫ୍ ମିଳୁଛି ନା ଘର ଉପରେ ପକାଇବାକୁ କିଏ ପାଲ ଖଣ୍ଡେ ଦେଉଛି। ୫ବର୍ଷ ତଳେ କାମ ସନ୍ଧାନରେ ସୁଦୂର ଫୁଲବାଣୀରୁ ଭୁବନେଶ୍ୱର ଆସିଥିବା ଅସୀମା ନାୟକଙ୍କ ସଂଘର୍ଷମୟ ଜୀବନକୁ ଆହୁରି ସଂଘର୍ଷପୂର୍ଣ୍ଣ କରିଦେଇଛି ସାମୁଦ୍ରିକ ଝଡ଼ 'ଫନୀ'। ଦୁଇ ଛୋଟ ଛୋଟ ନାତି, ବୁଢ଼ୀ ମା' ଓ ପୁଅକୁ ନେଇ ପରଘରେ କାମ କରି ଚଳୁଥିବା ବିଶେଶ୍ୱର ବସ୍ତିର ଅସୀମା ଏହା କହିବା ବେଳେ କାନ୍ଦି ପକାଇଥିଲେ। ତେବେ ଏହା କେବଳ ତାଙ୍କ କାହାଣୀ ନୁହେଁ, ସହରର ବିଭିନ୍ନ ବସ୍ତିରେ ରହୁଥିବା ହଜାର ହଜାର ଶ୍ରମିକ, ଦିନ ମଜୁରିଆ ଓ ପରଘରେ କାମକରି ପେଟ ପୋଷୁଥିବା ଲୋକଙ୍କ କାହାଣୀ। ବାତ୍ୟା ଏହି ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା ଆହୁରି ବଢ଼ାଇଦେଇଛି। ଚାରିଆଡ଼େ ଢୁଡ଼ ଢୁଡ଼ ଅଳିଆ ଓ ଆବର୍ଜନା ଗଦାହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ ବିତୁଛି। କୌଣସି ସରକାରୀ ବାବୁ ଏଯାଏ ବସ୍ତି ମାଟି ମାଡ଼ିନାହାନ୍ତି।

ସୈନିକ ସ୍କୁଲ ନିକଟରେ ଥିବା ବିଶେଶ୍ୱର ବସ୍ତିରେ ପ୍ରାୟ ୨୦୦ରୁ ୨୫୦ ଘର ରହିଛି। ଏଠାରେ ରହୁଥିବା ଅଧିକାଂଶ ଲୋକ କାମ ସନ୍ଧାନରେ ଦୂର ଦୂରାନ୍ତରୁ ଆସି ରହୁଛନ୍ତି। ପ୍ରାୟତଃ ବୃତ୍ତିରେ ଦିନ ମଜୁରିଆ ଓ ପରଘରେ କାମ କରି ଚଳନ୍ତି। ବାତ୍ୟାରେ କେବଳ ଘରଦ୍ୱାର ଭାଙ୍ଗିନି, ବରଂ ବଢ଼ିଯାଇଥିବା ବଜାର ଦର ସେମାନଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି। ବାତ୍ୟା ପରଠାରୁ ଭୁବନେଶ୍ୱରରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିଚାଲିଥିବା ବେଳେ ସ୍ୱଳ୍ପ ଆୟରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡୁଛି। ଆମ ଘର ଉପରେ କେବଳ ଚାଳ ନାହିଁ ତାହା ନୁହେଁ, ସବୁ ଜିନିଷ ଦୁଇଗୁଣା ଟଙ୍କା ଦେଇ କିଣିବାକୁ ପଡୁଛି। ମହମବତି ଗୋଟାକୁ ୧୫ଟଙ୍କାରେ କିଣୁଛୁ ବୋଲି କହିଛନ୍ତି ଏହି ବସ୍ତିରେ ରହୁଥିବା ପ୍ରମୋଦ କୁମାର ରାଉତ। ସେହିଭଳି କିଶୋର ନାୟକ କହିଛନ୍ତି, ବିଜୁଳି ଖୁଣ୍ଟ ଆଉ ତାର ଘର ଉପରେ ପଡ଼ିଛି। ଘର ଭିତରେ ଡରିକି ରହୁଛୁ। ଭଡ଼ାରେ ରହୁଥିବାରୁ ଆମର ରାଶନ କାର୍ଡ ନାହିଁ। ତେଣୁ ରିଲିଫ୍ ମିଳୁନି। ଏ ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଏଠାକୁ ଆସିନାହାନ୍ତି ବୋଲି ସେ କହିଛନ୍ତି। କେବଳ ଏହି ବସ୍ତି ନୁହେଁ, ଭୁବନେଶ୍ୱରରେ ଥିବା ଶତାଧିକ ବସ୍ତିର ଏବେ ଏହି ଅବସ୍ଥା ଦେଖିବାକୁ ମିଳୁଛି।

## ରିୟଲ୍ ହିରୋ







ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସେବା ଯୋଗାଇବା କାର୍ଯ୍ୟରେ ନିୟୋଜିତ କର୍ମଚାରୀ।

## ବିନା ଇଣ୍ଟରନେଟ୍‌ରେ ନାକେଦମ୍

ଭୁବନେଶ୍ୱର,୮।୫(ବ୍ୟୁରୋ): ବାତ୍ୟା 'ଫନୀ' ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶା ବଢ଼ାଇଦେଇଛି। ଇତିମଧ୍ୟରେ ୫ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ଟେଲିଫୋନ୍ ନେଟ୍‌ୱର୍କ ଓ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇପାରିନି, ଯାହାର ପ୍ରଭାବ ଭୁବନେଶ୍ୱରର ହୋଟେଲ ଶିଳ୍ପ ଉପରେ ପଡ଼ିଛି। ଇଣ୍ଟରନେଟ୍ ସେବା ବନ୍ଦ ଥିବାରୁ ବୁକିଂ କନ୍‌ଫରମେଶନ କରିଥିବା ଗ୍ରାହକ ଓ ପର୍ଯ୍ୟଟକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। କେତେକ ହୋଟେଲ ନିଜର ସଦିଚ୍ଛା ବଜାୟ ରଖିବା ଲାଗି ନିଜ ଆଡୁ ସମସ୍ତ ସେବା ବନ୍ଦ କରିଦେବା ସହ ବୁକିଂ ନ କରିବା ଲାଗି ଅନୁରୋଧ କରିଛନ୍ତି। ପୂର୍ବରୁ ହୋଟେଲରେ ରହିଥିବା ଗ୍ରାହକ ଓ ପର୍ଯ୍ୟଟକଙ୍କୁ ହିଁ ସେବା ଯୋଗାଇ ଦେଉଛନ୍ତି। ସେଥିପାଇଁ କେବଳ ରେଷ୍ଟୁରାଣ୍ଟଗୁଡ଼ିକୁ ଖୋଲା ରଖିଛନ୍ତି। ଅନେକ ହୋଟେଲରେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ପରିସରରେ ପଡ଼ିଥିବା ଗଛ ସଫା କରାଯିବା ସହ ଗ୍ରାହକଙ୍କୁ ସମସ୍ତ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି।

### ପୁନରୁଦ୍ଧାର ଲାଗି ହୋଟେଲ ବନ୍ଦ ରହିଛି

ବାତ୍ୟାରେ ହୋଟେଲର ବହୁ କ୍ଷୟକ୍ଷତି ହୋଇଛି। ହୋଟେଲ ପରିସରରେ ଥିବା ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଛି। ଫଳରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଯେ ପର୍ଯ୍ୟନ୍ତ ସମସ୍ତ ସୁବିଧା ଉପଲବ୍ଧ ନ ହୋଇଛି, ସେ ପର୍ଯ୍ୟନ୍ତ ହୋଟେଲ ବନ୍ଦ ରହିବ। ପୂର୍ବରୁ ବୁକ୍ କରିଥିବା ଗ୍ରାହକଙ୍କୁ ରୁମ୍ ଦିଆଯାଇଛି। ସେମାନଙ୍କ ମୌଳିକ ସୁବିଧା ପ୍ରତି ଧ୍ୟାନ ଦିଆଯାଉଛି। ଆସନ୍ତା ୧୨ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସରିଯିବ ଓ ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଆଶା ରହିଛି।

– ପ୍ରଦୀପ ମହାପାତ୍ର, ଲୋକସମ୍ପର୍କ ଅଧିକାରୀ, ମେ ଫେୟାର

### ରୁମ୍ ଉପଲବ୍ଧ ନାହିଁ

ହୋଟେଲରେ ଏବେ ଗୋଟିଏ ହେଲେ ବି ରୁମ୍ ଉପଲବ୍ଧ ନାହିଁ। ବାତ୍ୟା ପରେ ଅଧିକାଂଶ ଲୋକ ଅଫ୍‌ଲାଇନ୍‌ରେ ରୁମ୍ ବୁକ୍ କରି ରହିଛନ୍ତି। ସେମାନଙ୍କୁ ସମସ୍ତ ସେବା ଯୋଗାଇ ଦିଆଯାଉଛି। ଦିନକୁ ୩ଥର ଖାଦ୍ୟ ସହ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଶୀତତାପ ନିୟନ୍ତ୍ରିତ ରୁମ୍ ଯୋଗାଇ ଦିଆଯାଉଛି।

– ସଞ୍ଜୀବ ରାୟ, କର୍ମଚାରୀ, ହୋଟେଲ ଉର୍ମୀ

### ଜେନେରେଟର ଲାଗିଥିବାରୁ ଦେୟ ବଢ଼ିଛି

ବିଦ୍ୟୁତ ସେବା ଉପଲବ୍ଧ ନ ଥିବାରୁ ଜେନେରେଟର ଲଗାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି, ଯାହାଫଳରେ ପୂର୍ବାପେକ୍ଷା ରୁମ୍ ଚାର୍ଜ ଅଧିକ ରହୁଛି। ସିଙ୍ଗଲ ରୁମ୍‌ଗୁଡ଼ିକ ଉପରେ ୭୦୦ରୁ ୧୦୦୦ଟଙ୍କା ଅଧିକ ଦେୟ ଦେବାକୁ ପଡୁଥିବା ବେଳେ ଡବଲ ରୁମ୍‌ଗୁଡ଼ିକ ପାଇଁ ୧୦୦୦ରୁ ୧୫୦୦ଟଙ୍କା ଦେୟ ଅଧିକ ଦେବାକୁ ପଡୁଛି।

– ଦୀପ୍ତିରଞ୍ଜନ ମହାନ୍ତି, ଅପରେଶନ ମ୍ୟାନେଜର, ସ୍ୟାଣ୍ଡିସ୍ ଟାୱାର

### ଗ୍ରାହକଙ୍କୁ ସେବା ଯୋଗାଇବା ମୂଳ ଲକ୍ଷ୍ୟ

ବାତ୍ୟାରେ ବହୁ କ୍ଷୟକ୍ଷତି ସତ୍ତ୍ୱେ ଅନ୍‌ଲାଇନ୍‌ରେ ବୁକ୍ ହୋଇଥିବା ରୁମ୍‌ଗୁଡ଼ିକରେ ରହିବା ଲାଗି ଲୋକ ଆସୁଛନ୍ତି। ସେମାନଙ୍କୁ ସେବା ଯୋଗାଇବା ଲାଗି ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ସମସ୍ତ ଚେଷ୍ଟା କରାଯାଉଛି। ହୋଟେଲରେ କାର୍ଯ୍ୟରତ କର୍ମଚାରୀ ଏଥିରେ ତତ୍ପରତା ଦେଖାଉଛନ୍ତି। ଲୋକଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇବା ହିଁ ଆମର ମୂଳ ଲକ୍ଷ୍ୟ।

– ସଞ୍ଜୟ ରାଉତ, କର୍ମଚାରୀ, ଜିଞ୍ଜର ହୋଟେଲ

– ରିପୋର୍ଟ: ସ୍ଥିତପ୍ରଜ୍ଞ ମିଶ୍ର



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।
- ଲୁଇସ୍ ବ୍ରାଣ୍ଡିସ୍



## ସଂକ୍ଷେପରେ

### ରଥଖଳାରେ କାମ ଆରମ୍ଭ



**ପୁରୀ ଅଫିସ,୮।୫:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ରଥ ନିର୍ମାଣ କାମରେ ଲାଗିପଡ଼ିଛନ୍ତି ମହାରଣା ସେବକ ଏବଂ ଭୋଇ ସେବକ। ଭୋଇ ସେବକମାନେ କାଠ ଯୋଗାଇ ଦେଇଥିବାବେଳେ ବୁଧବାର କରତି ସେବକ କରତରେ କାଠ କାଟିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବାତ୍ୟାରେ ଭାଙ୍ଗି ପଡିଥିବା ରଥଖଳାକୁ ପୁଣି ତିଆରି କରାଯାଇଛି। ମାତ୍ର ବୁଧବାର ସୁଦ୍ଧା ଏହା ଉପରେ ଚାଳ ପକାଯାଇ ପାରି ନ ଥିବା ଜଣାପଡ଼ିଛି।

### ତିନି ମହଲାରୁ ଖସି ଯୁବକ ମୃତ

**ପୁରୀ ଅଫିସ, ୮।୫:** ପୁରୀ ଦୋଳମଣ୍ଡପ ସାହିରେ ବୁଧବାର ଏକ ତିନି ମହଲା କୋଠାରୁ ଖସିପଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ସେ କୋଠାରେ ଚଢ଼ି ଜେନେରେଟର ସଜାଡୁଥିବାବେଳେ ଅନ୍ୟମନସ୍କତାରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ପ୍ରକାଶ ଯେ, ବାତ୍ୟାରେ ସହରରେ ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଛି। ବିଦ୍ୟୁତ୍ ତାର ଗୁଡ଼ାଇତୁଡ଼ାଇ ହୋଇ ରାସ୍ତାରେ ପଡ଼ିରହିଛି। ୫ଦିନ ହେଲାଣି ଲୋକଙ୍କ ଘରେ ପାଣି ମୁନ୍ଦାଏ ନାହିଁ। ଅଧିକାଂଶ ସ୍ଥାନରେ ଜେନେରେଟର ସାହାଯ୍ୟରେ ପାଣି ଟାଙ୍କି ଭର୍ତ୍ତି କରାଯାଉଛି।

### ନିଶ୍ଚିନ୍ତକୋଇଲିରେ ୧୮୨ ଘର ଭୁଶୁଡ଼ିଛି

**ନିଶ୍ଚିନ୍ତକୋଇଲି,୮।୫(ସ୍ୱ.ପ୍ର.):** ଫନୀ ମୁକାବିଲା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପରିମଳ, ପାନୀୟ ଜଳ ଓ ଲାଇନ୍ ବିଭାଗ ସମେତ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ତହସିଲଦାର ଜିତେନ୍ଦ୍ର ପାତ୍ର, ବିଡିଓ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରିଲିଫ ନ ମିଳିବା, ପଲିଥିନ ନ ମିଳିବା ଓ ବିଦ୍ୟୁତ୍ ସଂଯୋଗରେ ବିଳମ୍ବ ହେବା ନେଇ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଡିଓ ପ୍ରଧାନ ବ୍ଲକ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଆକଳନର ତଥ୍ୟ ଦେଇଥିଲେ। ତଥ୍ୟ ଅନୁସାରେ, ବ୍ଲକର ୨ଲକ୍ଷ୧୨ହଜାର୫୫୬ ଜଣ ଫନୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୧୦ ହଜାରରୁ ଊର୍ଦ୍ଧ୍ୱ ଗୋରୁଗାଈ ଓ ୧୦ ହଜାର ପକ୍ଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ୧୮୨ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୧୦୨୦୦ ଘର ଆଂଶିକ ଭାଙ୍ଗିଛି। ଏହାପରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଓ କାର୍ଡ ପିଛା ୫୦୦ ଟଙ୍କା ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ହୋଇଥିଲା।

# ସାଟେଲାଇଟ୍ ସିଟି ଅନ୍ଧାର, ମିଳୁନି ପାଣି

- ଜିଲାପାଳଙ୍କୁ ଭେଟିଲେ ସେକ୍ଟର-୬ ବାସିନ୍ଦା
- ଅବହେଳାକୁ ନେଇ ଅସନ୍ତୋଷ, ଆଜି ଧାରଣା

**କଟକ ଅଫିସ, ୮।୫**

ବାତ୍ୟା 'ଫନୀ' ତାଣ୍ଡବରେ ଛାର୍‌ଖାର ହୋଇଯାଇଥିବା ବାଣିଜ୍ୟିକ ସହର କଟକର ସ୍ଥିତି କ୍ରମଶଃ ସୁଧୁରିବାରେ ଲାଗିଛି। ସହରର ଅଧିକାଂଶ ସ୍ଥାନକୁ ବିଦ୍ୟୁତ୍ ସରବରାହ ଆରମ୍ଭ ହୋଇଯାଇଥିଲେ ମଧ ଏବେ ବି ସାଟେଲାଇଟ୍ ସିଟି କୁହାଯାଉଥିବା ସିଡିଏର ଅଧିକାଂଶ ଅଞ୍ଚଳ ଅନ୍ଧାର ହୋଇରହିଛି। ସମସ୍ତ ସେକ୍ଟରରେ ବିଦ୍ୟୁତ ସେବା ମିଳି ପାରି ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ସବୁଠୁ ବଳିଯାଇଛି ସେକ୍ଟର-୬ ଅଞ୍ଚଳ। ବୁଧବାର ସମସ୍ୟାରେ ଜର୍ଜରିତ ଏହି ଅଞ୍ଚଳର ବାସିନ୍ଦା ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ। ସ୍ଥାନୀୟ ବାସିନ୍ଦା ଦେବେନ୍ଦ୍ର ସୂତାର, ନାରାୟଣ ସାହୁ, ଅଶୋକ କୁମାର ପଟ୍ଟନାୟକ, ଅଶୋକ କୁମାର ଓ ହଇରାଣପୁର ବସ୍ତି ବାସିନ୍ଦା ତରଫରୁ ଦୀନବନ୍ଧୁ ନାୟକ ପ୍ରମୁଖ ଜିଲାପାଳଙ୍କ ସହ ବିଦ୍ୟୁତ ଓ ପାଣି ସମସ୍ୟା ନେଇ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ବିଭାଗୀୟ ଅବହେଳା ନେଇ ମଧ କେତେକ ଅଭିଯୋଗ କରିଥିଲେ। ଗୁରୁବାର ସମସ୍ୟାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବାସିନ୍ଦା ତଥା ଆଇନଜୀବୀ ଗଦାଧର ସାହୁ କହିଛନ୍ତି।

ସୂଚନାଥାଉକି, ବାତ୍ୟାରେ ସହରରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ସିଡ଼ିଏ ଅଞ୍ଚଳ। ପ୍ରତି ଗଳିରେ ଗଛ ଉପୁଡ଼ି ପଡ଼ିବା ଫଳରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଏବେ ସ୍ଥାନୀୟ ଲୋକଙ୍କ ସହାୟତାରେ ରାସ୍ତାରୁ ଗଛଗୁଡ଼ିକୁ ଉଠା ସରିଛି। ହେଲେ ଅନ୍ଧାର ସହ ଖାଦ୍ୟ ଓ ପାନୀୟଜଳ ସମସ୍ୟାରେ ଲୋକେ ଘାଣ୍ଟି ହେଉଛନ୍ତି। ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ଥିବା ୫ ବସ୍ତିରେ ଖାଦ୍ୟ, ପାନୀୟ କିମ୍ବା ପଲିଥିନ ଯୋଗାଇ ଦିଆଯାଇ ନ ଥିବା ସ୍ଥାନୀୟ ଲେଶକେ ଅଭିଯୋଗ କରିଛନ୍ତି। ଏହି ବସ୍ତିଗୁଡ଼ିକ ହେଲା ହଇରାଣପୁର, ପେଟାନାଳ ବସ୍ତି, କୃଷକବଜାର ବସ୍ତି, ମହବୀର ବସ୍ତି ଓ ଇମାମ ପଡ଼ା। ସେକ୍ଟର-୭ର ଅବସ୍ଥା ମଧ ଅନୁରୂପ। ସେକ୍ଟର-୯ ବାସିନ୍ଦା ରୀନା ରାୟଙ୍କ କହିବାନୁଯାୟୀ, ବାତ୍ୟା ପରଠାରୁ ଜୀବନ ଦୁର୍ବିସହ ହୋଇପଡ଼ିଲାଣି। ପିଇବା ପାଣି ଅଧିକ ଦାରରେ କିଣିବାକୁ ପଡୁଛି। ସିଡ଼ିଏ ଅଞ୍ଚଳରେ ଅଧିକ ମାତ୍ରାରେ ବରିଷ୍ଠ ନାଗରିକ ମଧ ରୁହନ୍ତି। ଏହି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ସିଡ଼ିଏ ଛାଡ଼ି ଲୋକ ଚାଲିଯିବେ ବୋଲି ସେ କହିଛନ୍ତି।



ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା କଟକ ସିଡିଏ ସେକ୍ଟର-୬ ଅଞ୍ଚଳର ବାସିନ୍ଦା।

# ଧ୍ୱସ୍ତବିଧ୍ୱସ୍ତ କଟକର ଦୁଇ ସଂଗ୍ରହାଳୟ

**କଟକ ଅଫିସ,୮।୫**

ଇତିହାସର ମୂକସାକ୍ଷୀ କୁହାଯାଉଥିବା ସଂଗ୍ରହାଳୟକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ବାତ୍ୟା ଫନୀ। କଟକର ନୌବାଣିଜ୍ୟ ସଂଗ୍ରହାଳୟ ଏବଂ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ଫନୀର ପ୍ରଭାବରେ ବହୁ କ୍ଷତି ଘଟିଛି। ଯୋବ୍ରା ଛକ ନିକଟସ୍ଥ ନୌବାଣିଜ୍ୟ ସଂଗ୍ରହାଳୟର ପ୍ରଶାସନିକ କାର୍ଯ୍ୟାଳୟ, କ୍ୟାଣ୍ଟିନ, ୱାର୍କଶପ ଗ୍ୟାଲେରି ଆଜବେଷ୍ଟସ ଉଡି ଯାଇଥିବା ବେଳେ ଲାଇବ୍ରେରି, ୪ଡି ସିଷ୍ଟମ ବିଶିଷ୍ଟ ପ୍ରଦର୍ଶନ ଗ୍ୟାଲେରୀ, ଯୋବ୍ରା ୱାର୍କସପ୍ ଗ୍ୟାଲେରିରେ ପାଣି ପଶି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସଂଗ୍ରହାଳୟର ପ୍ରାୟ ୫୦ପ୍ରତିଶତ କ୍ଷତି ହୋଇଛି। ଏହାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଛି ବୋଲି ସଂଗ୍ରହାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୭ଦିନ ମଧ୍ୟରେ ପୁନରୁଦ୍ଧାର କରାଯାଇ ସାଧାରଣଲୋକଙ୍କ ପାଇଁ ପୁଣି ଥରେ ସଂଗ୍ରହାଳୟ ଖୋଲାଯିବ ବୋଲି ଜଣାପଡିଛି। ସେହିପରି ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟର ଭିତର ବାଉଣ୍ଡାରି ଭାଙ୍ଗି ପଡ଼ିଥିବା ବେଳେ ବିଭିନ୍ନ ଗଛ ପଡ଼ି ଗ୍ୟାଲେରି ନଷ୍ଟ ହୋଇଛି। ଏହି ସମସ୍ତ କାମକୁ ଖୁବ୍‌ଶୀଘ୍ର ପୁନରୁଦ୍ଧାର କରାଯିବ। ମଙ୍ଗଳବାରରୁ ସଂଗ୍ରହାଳୟ ଖୋଲା ହୋଇଥିବା ବେଳେ କ୍ଷତି ଘଟିଥିବା ସ୍ଥାନକୁ ପର୍ଯ୍ୟଟକଙ୍କୁ ପଠାଯାଉ ନ ଥିବା ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି।

### 'ଏ' କାଟାଗୋରି ବାତ୍ୟାଞ୍ଚଳ ଘୋଷଣା ଦାବି

# କଣ୍ଟାପଡ଼ାବାସୀଙ୍କ ରାସ୍ତାରୋକୋ

**କଣ୍ଟାପଡ଼ା,୮।୫(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅଞ୍ଚଳକୁ 'ଏ' କାଟାଗୋରି ବାତ୍ୟାଞ୍ଚଳ ଘୋଷଣା ଦାବିରେ ବୁଧବାର ଏହି ବ୍ଲକର ୧୪ଜନ ପ୍ରତିନିଧି ଓ ସାଧାରଣ ଲୋକେ ବୁଧବାର ରାସ୍ତାରୋକୋ କଥିଲେ। ସୂଚନା ଅନୁଯାୟୀ, ବାତ୍ୟା 'ଫନୀ' ଛାଡିବା ପରେ କଣ୍ଟାପଡ଼ାରେ ଏକ ପଞ୍ଚାୟତ ପିଛା ୨ କୁଇଣ୍ଟାଲ ଚୁଡା ଓ ଗୁଡ ପ୍ରଦାନ କରାଯାଇଥିଲା। କେତେକ ବାତ୍ୟା ଆଶ୍ରୟସ୍ଥଳିରେ ମଧ ରନ୍ଧା ଖାଦ୍ୟ ଦିଆଯାଇଥିଲା। ବାତ୍ୟାର ୭ଦିନ ପରେ ବି ବିପନ୍ନଙ୍କ ନିକଟରେ ପଲିଥିନ ଓ ଗୃହପାଳିତ ପଶୁଙ୍କୁ ଗୋ ଖାଦ୍ୟ ଦେବାରେ ପ୍ରଶାସନ ବିଫଳ ହୋଇଛି। ଏହାକୁ ନେଇ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ କଣ୍ଟାପଡ଼ା ବ୍ଲକ ପରିସରରେ ବୁଧବାର ଏକ ସମୀକ୍ଷା ବୈଠକ ଡାକିଥିଲେ। ରିଲିଫ ପରିଚାଳନା ସମ୍ପର୍କରେ ବିଡିଓ କେ. ଅଶୋକ କୁମାର ଓ ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏହି ବ୍ଲକକୁ 'ସି' କାଟାଗୋରିରେ ନିଆଯାଉଥିବାରୁ ଏହି ଅଞ୍ଚଳକୁ ଅଧିକ ରିଲିଫ ଆସୁନାହିଁ ବୋଲି ବୈଠକରେ ବିଡିଓ କୁମାର କହିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉପସ୍ଥିତ ଥିବା ଲୋକ ପ୍ରତିନିଧି ଓ ବିଭିନ୍ନ ଗ୍ରାମବାସୀ କଣ୍ଟାପଡ଼ା ବ୍ଲକ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଉଭୟ ତହସିଲଦାର ଓ ବିଡିଓ ଘଟଣାସ୍ଥଳକୁ ଆସି ରାସ୍ତାରୋକୋରୁ ଉଠିଯିବା ପାଇଁ କହିଥିଲେ ମଧ ବିଫଳ ହୋଇଥିଲେ। କଟକ ଜିଲାପାଳ ଏଠାକୁ ଆସି କଣ୍ଟାପଡ଼ା ବ୍ଲକ ଅଞ୍ଚଳକୁ 'ଏ' କାଟାଗୋରି ବାତ୍ୟାଞ୍ଚଳ ଭାବେ ଘୋଷଣା ନ କଲେ ରାସ୍ତାରୋକୋ ହଟିବ ନାହିଁ ବୋଲି ଜିଲା ପରିଷଦ ସଭ୍ୟ କୈଳାସ ମହାରଣା, ଗୋବିନ୍ଦପୁର ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ କହିଛନ୍ତି। ଖବର ଲେଖା ହେବା ବେଳକୁ ଆନ୍ଦୋଳନ ଜାରି ରହିଥିବା ଜଣାପଡିଛି।



କଟକ ଖପୁରିଆସ୍ଥିତ ଓଡ଼ିଶା ଗଭରମେଣ୍ଟ ପ୍ରେସ ଛକ ପାର୍ଶ୍ୱରେ ଥିବା କ୍ୱାର୍ଟର୍ସ ସମ୍ମୁଖ ରାସ୍ତା ଉପରେ ପଡ଼ି ରହିଥିବା ବିଦ୍ୟୁତ୍ ଖୁଣ୍ଟ ଓ ଗଛ।

### ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**କଟକ ଅଫିସ୍,୮।୫**

ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ବୁଧବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଗୋପବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଲୋକସେବକ ମଣ୍ଡଳର ଆଜୀବନ କର୍ମୀ ଡ. ପ୍ରଭାସ ଆଚାର୍ଯ୍ୟ, ମୀନକେତନ ବେହେରା ଯୋଗଦେଇଥିଲେ। ଏଥିରେ ମଧୁମେହ, କୋଲେଷ୍ଟରଲ, ଉଚ୍ଚ ରକ୍ତଚାପର ପରୀକ୍ଷା କରାଯାଇଥିଲା। ବିନୋଦ ବାହିନୀପତି, ଲୋଚନ ସାହୁ ଓ ସାଗର ମିଶ୍ର ରକ୍ତ ନମୁନା ସଂଗ୍ରହ କରିଥିଲେ। ଦୁର୍ଗା ପ୍ରସାଦ ଛାଟୋଇ, ସିନୁ ରେଡି, ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ସୁବାସ ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜର ସମୀକ୍ଷା

**କଟକ ଅଫିସ,୮।୫**

ଫନୀ କ୍ଷତିଗ୍ରସ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ପ୍ୟାକେଜର ସମୀକ୍ଷା କରିଛି ପ୍ରଶାସନ। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପାଇଁ ନିଯୁକ୍ତ ସରକାରଙ୍କ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ସମୀକ୍ଷା କରିଥିଲେ। ମୁଖ୍ୟତଃ ବିଡିଓମାନଙ୍କ ମାଧମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ୫୦୦ ଟଙ୍କା ସହ ଅତିରିକ୍ତ କୋଟା ଆକାରରେ ମୁଣ୍ଡ ପିଛା ୫ କିଗ୍ରା ଚାଉଳ ଯୋଗାଣର ସମୀକ୍ଷା କରାଯାଇଥିଲା। ଏହି ହାରରେ ଜିଲାରେ ମୋଟ ୫ ଲକ୍ଷରୁ ଅଧିକ ପରିବାରର ୧୮ଲକ୍ଷ ଲୋକଙ୍କୁ ୯୪ ହଜାର ୮୯୯. ୫୦ କିଗ୍ରା ଚାଉଳ ଯୋଗାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଉକ୍ତ ହିତାଧିକାରୀମାନେ ବୁଧବାରଠାରୁ ଏହି ଯୋଜନାରେ ଉପକୃତ ହେବେ ବୋଲି ସଚିବ ଚୋପ୍ରା ସୂଚନା ଦେଇଛନ୍ତି। ସେହିପରି ଜିଲାରେ ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ସେମାନଙ୍କ ନିୟମିତ ଭତ୍ତା ସହ ଅଧିକ ୧ ମାସର ଭତ୍ତା ସହାୟତା ଯୋଗାଇ ଦିଆଯିବ। କଟକ ସହରାଞ୍ଚଳକୁ ୯ ତାରିଖ ସୁଦ୍ଧା ୯୦ ପ୍ରତିଶତ ଓ ୧୧ ତାରିଖ ସୁଦ୍ଧା ସମସ୍ତ ଅଞ୍ଚଳକୁ ବିଦ୍ୟୁତ ବ୍ୟବସ୍ଥା କରାଯିବାକୁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଞ୍ଚଳର ପମ୍ପିଂ ଷ୍ଟେଶନଗୁଡିକରେ ଲାଗିଥିବା ଜେନେରେଟରଗୁଡ଼ିକୁ ପରବର୍ତ୍ତୀ ଅବସ୍ଥାରେ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୯ ଅଞ୍ଚଳ ପାଇଁ ୯ ଅଧିକାରୀ ନିଯୁକ୍ତ

**କଟକ ଅଫିସ,୮।୫**

ଫନୀ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ୱତନ୍ତ୍ର ତଦାରଖ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନର ୯ ଜଣ ଅଧିକାରୀଙ୍କୁ ସୁପରଭାଇଜିଂ ଅଫିସର ଭାବେ ଜିଲାର ୯ଟି ଅଞ୍ଚଳ ପାଇଁ ନିଯୁକ୍ତି ମିଳିଛି। ଏହିକ୍ରମରେ ମାହାଙ୍ଗା ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ(ସାଧାରଣ) ବିଜୟ କୁମାର ଖଣ୍ଡାୟତରାୟ, ନିଶ୍ଚିନ୍ତକୋଇଲି ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶ୍ରୀକାନ୍ତ ତରାଇ, ନିଆଳି ଓ କଣ୍ଟାପଡା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, କଟକ ସଦର ପାଇଁ ଓଏଏସ୍ ଅଫିସର ସୁମିତ୍ରା ସରକାର, ସାଲେପୁର ପାଇଁ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଆଠଗଡ, ବଡମ୍ବା, ଟିଗିରିଆ, ନରସିଂହପୁର ପାଇଁ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ଟାଙ୍ଗୀ ଓ ଚୌଦ୍ୱାର ପାଇଁ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳୀ ଓ ବାରଙ୍ଗ ବ୍ଲକ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ଅଧିକାରୀମାନେ ସେମାନେ ଦାୟିତ୍ୱରେ ଥିବା ଅଞ୍ଚଳର ପୁନରୁଦ୍ଧାର ଓ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ଦୈନିକ ରିପୋର୍ଟ ପ୍ରତିଦିନ ସନ୍ଧ୍ୟାରେ ଜିଲାପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।

### ଜୋର୍‌ସୋରରେ ଚାଲିଛି ମରାମତି କାର୍ଯ୍ୟ

# ଆଜିସୁଦ୍ଧା କଟକର ୯୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ସେବା

**କଟକ ଅଫିସ୍, ୮।୫**

ବାତ୍ୟା ଯୋଗୁ କଟକ ସହରର ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା। ୫୦ ପ୍ରତିଶତରୁ ଅଧିକ ତାର ଛିଡି ଯାଇଥିବାବେଳେ ଖୁଣ୍ଟ ମଧ ନଷ୍ଟ ହୋଇଥିଲା। ତେବେ ଯେତେଶୀଘ୍ର ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ପ୍ରଶାସନ, ପୋଲିସ ଓ ସେସୁର ମିଳିତ ପ୍ରୟାସରେ ଆବଶ୍ୟକ ମରାମତି କରାଯାଇ ବୁଧବାର ସୁଦ୍ଧା ୫୦ ପ୍ରତିଶତରୁ ଅଧିକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଗୁରୁବାର ସୁଦ୍ଧା ସହରର ୯୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ଓ ଆସନ୍ତା ୧୧ ତାରିଖ ସୁଦ୍ଧା ସମସ୍ତଙ୍କୁ ବିଦ୍ୟୁତ୍ ସେବା ମିଳିପାରିବ ବୋଲି ବୁଧବାର ସେସୁ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ସହରର ବାଦାମବାଡି, ରାଜାବଗିଚା, ସିଡିଏ, କଲେଜ ଛକ, ନେତାଜୀ ନଗର, ସତୀଚୌରାର ବହୁ ଅଞ୍ଚଳକୁ ବୁଧବାର ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଗୁରୁବାର ସିଡିଏ ସେକ୍ଟର ୮, ସେକ୍ଟର ୯ ଓ ଓଏମ୍‌ପି ସମେତ ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ। ତେବେ ସିଏମ୍‌ସି ୱାର୍ଡ ନୁହେଁ, ସେସୁ ଡିଭିଜନ ଅନୁସାରେ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିବା କୁହାଯାଇଛି। ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ବିଦ୍ୟୁତ୍ ନିରବିଚ୍ଛିନ ଭାବେ ଯୋଗାଇ ଦିଆଯାଉ ନାହିଁ। ସିଡିଏ ଅଞ୍ଚଳରେ ଥିବା ସେକ୍ଟରଗୁଡିକୁ ରୋଟେଶନ କରାଯାଇ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିବା ସେସୁ ପକ୍ଷରୁ ସୂଚନା ଦିଆଯାଇଛି।



ଜଣେ ବିଦ୍ୟୁତ କର୍ମଚାରୀ ଖୁଣ୍ଟରେ ଚଢି କାମ କରୁଛନ୍ତି।

# କାମରେ ଲାଗିଲା ପଡ଼ିରହିଥିବା ସାମଗ୍ରୀ

**ନରାଜ,୮।୫(ଡି.ଏନ୍.ଏ.)**

ଫନୀ ଯୋଗୁ ସାଧାରଣରେ ଅନେକ କ୍ଷୟକ୍ଷତି ହୋଇଛି। ହେଲେ ଏବେ ବିନା ବିଦ୍ୟୁତ ଓ ବିନା ମୋବାଇଲ ସେବା ଯୋଗୁ ଲୋକ କିଛିବର୍ଷ ପଛକୁ ଫେରିଯିବା ଭଳି ପରିସ୍ଥିତିରେ ଅଛନ୍ତି। ଯାହାର ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସିଡିଏ ସେକ୍ଟର-୮ ଅଞ୍ଚଳରେ। ସେକ୍ଟର-୮ ବାସିନ୍ଦା ଦୈମୟନ୍ତୀ ରାଉତଙ୍କ ଘରେ ବୁଧବାର ଶିଳ ବ୍ୟବହାର କରି ମସଲା ବାଟୁଥିବା ଦୃଶ୍ୟ ଦେଖିବାକୁ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷକରି ଛୋଟପିଲାମାନେ ଏହି ଭିଡ଼ରେ ଅଧିକ ସାମିଲ ଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ମଧ ପାଲଟିଥିଲା। ସେଠାରେ ଉପସ୍ଥିତ ଥିବା ଅବିନାଶ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ପିଢ଼ିରେ ଏଭଳି ସାମଗ୍ରୀ ଦେଖିବା କ୍ୱଚିତ। କିଛି ବର୍ଷ ପରେ ଏହାକୁ ଲୋକ ଭୁଲିବା ଆରମ୍ଭ କରିବେ ଓ ଆଗାମୀ ପିଢ଼ିଙ୍କ ପାଇଁ ଏହା କେବଳ ପୁସ୍ତକରେ ସୀମିତ ରହିଯିବ। ହେଲେ ଶିଳକୁ ଦେଖିବା ପାଇଁ ହୋଇଥିବା ଏହି ଭିଡ଼ ବେଶ ଉତ୍ସାହଜନକ ବୋଲି ଅବିନାଶ କହିଥିଲେ। ସମସ୍ୟା ବେଳେ ଶିଳ ବ୍ୟବହାର କରାଯିବାର ପ୍ରାସଙ୍ଗିକତା ସମ୍ପର୍କରେ ଦୈମୟନ୍ତୀ କହିଥିଲେ, ଏହି ସାମଗ୍ରୀର ମୂଲ୍ୟ ସମସ୍ୟା ବେଳେ ହିଁ ଜଣାପଡ଼େ। ବିନା ବିଦ୍ୟୁତରେ ମଧ ଜଣେ ବ୍ୟକ୍ତି କିପରି ବଞ୍ଚିପାରିବ କେବଳ ଏହି ସାମଗ୍ରୀଗୁଡ଼ିକ ଶିଖାଇଥାଏ ବୋଲି ଦୈମୟନ୍ତୀ କହିଛନ୍ତି। ସୂଚନା ଥାଉକି, କେବଳ ସିଡିଏ ଅଞ୍ଚଳ ନୁହେଁ ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ସହରର ଅନେକ ଘରେ ଏବେ ପାରମ୍ପରିକ ପୁରୁଣା ନିତ୍ୟ ବ୍ୟବହୃତ ସାମଗ୍ରୀର ବ୍ୟବହାର କରାଯାଉଛି ।



 କଟକ ଖପୁରିଆ ଶିଳ୍ପାଞ୍ଚଳରେ ବାତ୍ୟା ପର ଠାରୁ ରାସ୍ତା ଉପରେ ଜମି ରହିଥିବା ପାଣି।

### ଆବର୍ଜନା ଉଠାଇବାକୁ ଗୁରୁତ୍ୱ ଦେଉନି ସିଏମ୍‌ସି

# ମନ୍ଥର ଗତିରେ ଚାଲିଛି ସଫେଇ କାର୍ଯ୍ୟ

**କଟକ ଅଫିସ, ୮।୫**

ପ୍ରଳୟଙ୍କରୀ ବାତ୍ୟା ଫନୀକୁ ୭ ଦିନ ବିତିଯାଇଥିଲେ ମଧ କଟକ ମହାନଗର ନିଗମ (ସିଏମ୍‌ସି)ର ନିଦ ଭାଙ୍ଗିନାହିଁ । ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ବିଭିନ୍ନ ୱାର୍ଡରେ ପଡିରହିଛି କୁଢ କୁଢ ଅଳିଆ। ସିଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଉଥିବାନେଇ ସଫେଇ ଦିଆଯାଉଥିଲେ ପ୍ରକୃତ ସ୍ଥିତ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ବାତ୍ୟା ପରେ ସିଏମ୍‌ସିର ବିଭିନ୍ନ ୱାର୍ଡରେ ଗଛପତ୍ର, ଡାଳ, ପଲିଥିନ ବିଛାଡ଼ି ହୋଇପଡିରହିଥିବାବେଳେ ବିଭିନ୍ନ ସ୍ଥାନରେ ଗଦା ଗଦା ଅଳିଆ ପଡ଼ିରହିଛି। ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସିଏମ୍‌ସି ପକ୍ଷରୁ ବୈଠକ ପରେ ବୈଠକ ବସୁଥିଲେ ମଧ ତାହା କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ।

ଏନେଇ ୱାର୍ଡ ନଂ ୪୪ ବାସିନ୍ଦା ପ୍ରଫୁଲ୍ଲ ସେନାପତି କହିଛନ୍ତି, ଫନୀ ପରଠାରୁ ସହର ବେହାଲ ହୋଇପଡିଛି। ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ନ ଉଠିବା ଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବାତ୍ୟା ପୂର୍ବରୁ ସହରରେ ଦୁଇଦୁଇଥର ସଫେଇ ହୋଇଥିଲେ ବାତ୍ୟା ପରେ ଥରୁଟିଏ ମଧ ସଫେଇ ହୋଇ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏନେଇ ଡାଇରେକଟର ସଂଗ୍ରାମଜିତ ନାୟକ ଏବଂ କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ସିଏମ୍‌ସି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଫନୀ ପୂର୍ବରୁ ଦୈନିକ ୧୫୦ ମେଟ୍ରିକ ଟନ ଆବର୍ଜନା ସଫା ହେଉଥିଲା କିନ୍ତୁ ଫନୀ ପରେ ସିଏମସି ଅଫିସରମାନଙ୍କ ସହଯୋଗରେ ଦୈନିକ ୪ହଜାର ମେଟ୍ରିକ ଟନ ଆବର୍ଜନା ଉଠାଯାଉଛି। ଏଥିପାଇଁ ୮୨୩ ଜଣ ସଫେଇ କର୍ମଚାରୀ ଦୁଇଟି ସିଫ୍ଟରେ ଦିନ ରାତି କାର୍ଯ୍ୟ କରୁଛନ୍ତି। ଏହାବାଦ ୩୦୦ କର୍ମଚାରୀ ବିଭିନ୍ନ ଯନ୍ତ୍ରପାତି ସାହାଯ୍ୟରେ ସଫେଇ କାର୍ଯ୍ୟକୁ ଜୋରଦାର କରିଛନ୍ତି। ଏହି କାର୍ଯ୍ୟରେ ୧୨୦ ଟ୍ରାକ୍ଟର, ୨୨ଟି ଜେସିବି, ୬ଟି ହାଇୱା ବ୍ୟବହୃତ ହେଉଛି। ୨୨ଟି ଟିମ୍ ୨୨ଟି ଗଛକଟା କଟର ସାହାଯ୍ୟରେ ଗଛକାଟିବା ସହ ତାହାକୁ ସଙ୍ଗେସଙ୍ଗେ ଉଠାଇବା ପାଇଁ ୧୦ଟି ହାଇୱା ମାଧମରେ କାର୍ଯ୍ୟ କରାଯାଉଛି। ୪୮ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ୱାର୍ଡରୁ ଆବର୍ଜନା ଉଠାଯିବ ବୋଲି କହିଥିଲେ।



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।

-ଲୁଇସ୍ ବ୍ରାଣ୍ଡିସ୍



## ସଂକ୍ଷେପରେ

### ଆବର୍ଜନା ଉଠାଇବାରେ ସିଏମ୍‌ସି ଫେଲ୍

**କଟକ ଅଫିସ, ୮।୫:** ପ୍ରଳୟଙ୍କରୀ ବାତ୍ୟା ଫନୀକୁ ୭ ଦିନ ବିତିଯାଇଥିଲେ ମଧ କଟକ ମହାନଗର ନିଗମ (ସିଏମ୍‌ସି)ର ନିଦ ଭାଙ୍ଗିନାହିଁ । ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ବିଭିନ୍ନ ୱାର୍ଡରେ ପଡିରହିଛି କୁଢ କୁଢ ଅଳିଆ। ସିଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଉଥିବାନେଇ ସଫେଇ ଦିଆଯାଉଥିଲେ ପ୍ରକୃତ ସ୍ଥିତ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ବାତ୍ୟା ପରେ ସିଏମ୍‌ସିର ବିଭିନ୍ନ ୱାର୍ଡରେ ଗଛପତ୍ର, ଡାଳ, ପଲିଥିନ ବିଛାଡ଼ି ହୋଇପଡିରହିଥିବାବେଳେ ବିଭିନ୍ନ ସ୍ଥାନରେ ଗଦା ଗଦା ଅଳିଆ ପଡ଼ିରହିଛି। ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସିଏମ୍‌ସି ପକ୍ଷରୁ ବୈଠକ ପରେ ବୈଠକ ବସୁଥିଲେ ମଧ ତାହା କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ।

ଏନେଇ ୱାର୍ଡ ନଂ ୪୪ ବାସିନ୍ଦା ପ୍ରଫୁଲ୍ଲ ସେନାପତି କହିଛନ୍ତି, ଫନୀ ପରଠାରୁ ସହର ବେହାଲ ହୋଇପଡିଛି। ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ନ ଉଠିବା ଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବାତ୍ୟା ପୂର୍ବରୁ ସହରରେ ଦୁଇଦୁଇଥର ସଫେଇ ହୋଇଥିଲେ ବାତ୍ୟା ପରେ ଥରୁଟିଏ ମଧ ସଫେଇ ହୋଇ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏନେଇ ଡାଇରେକଟର ସଂଗ୍ରାମଜିତ ନାୟକ ଏବଂ କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ସିଏମ୍‌ସି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଫନୀ ପୂର୍ବରୁ ଦୈନିକ ୧୫୦ ମେଟ୍ରିକ ଟନ ଆବର୍ଜନା ସଫା ହେଉଥିଲା କିନ୍ତୁ ଫନୀ ପରେ ସିଏମସି ଅଫିସରମାନଙ୍କ ସହଯୋଗରେ ଦୈନିକ ୪ହଜାର ମେଟ୍ରିକ ଟନ ଆବର୍ଜନା ଉଠାଯାଉଛି। ଏଥିପାଇଁ ୮୨୩ ଜଣ ସଫେଇ କର୍ମଚାରୀ ଦୁଇଟି ସିଫ୍ଟରେ ଦିନ ରାତି କାର୍ଯ୍ୟ କରୁଛନ୍ତି। ଏହାବାଦ ୩୦୦ କର୍ମଚାରୀ ବିଭିନ୍ନ ଯନ୍ତ୍ରପାତି ସାହାଯ୍ୟରେ ସଫେଇ କାର୍ଯ୍ୟକୁ ଜୋରଦାର କରିଛନ୍ତି। ଏହି କାର୍ଯ୍ୟରେ ୧୨୦ ଟ୍ରାକ୍ଟର, ୨୨ଟି ଜେସିବି, ୬ଟି ହାଇୱା ବ୍ୟବହୃତ ହେଉଛି। ୨୨ଟି ଟିମ୍ ୨୨ଟି ଗଛକଟା କଟର ସାହାଯ୍ୟରେ ଗଛକାଟିବା ସହ ତାହାକୁ ସଙ୍ଗେସଙ୍ଗେ ଉଠାଇବା ପାଇଁ ୧୦ଟି ହାଇୱା ମାଧମରେ କାର୍ଯ୍ୟ କରାଯାଉଛି। ୪୮ଘଣ୍ଟା ମଧରେ ସହରର ବିଭିନ୍ନ ୱାର୍ଡରୁ ଆବର୍ଜନା ଉଠାଯିବ ବୋଲି କହିଥିଲେ।

### କାନ୍ଥ ପଡ଼ି ଦମ୍ପତି ଆହତ

**ରଘୁନାଥପୁର,୮।୫(ଡି.ଏନ୍.ଏ):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଦଣ୍ଡାସାହି ୧ ନଂ. ୱାର୍ଡରେ ବୁଧବାର କାନ୍ଥ ପଡ଼ି ଦମ୍ପତି ଆହତ ହୋଇଛନ୍ତି। ବାତ୍ୟା ଫନୀ ପ୍ରଭାବରେ ଦିନ ମଜୁରିଆ ସନ୍ତୋଷ ବାରିକଙ୍କ ଝାଟିମାଟି ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସନ୍ତୋଷ ତାଙ୍କର ସ୍ତ୍ରୀ ଓ ଛୋଟ ପୁଅ ସହ ଘର ଭିତରେ ଶୋଇଥିବା ବେଳେ ହଠାତ୍ କାନ୍ଥର କିଛି ଅଂଶ ତାଙ୍କ ଉପରେ ଅଜାଡ଼ି ହୋଇପଡିଥିଲା।

### ତିଗିରିଆ ବିଜେଡି ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ

**ତିଗିରିଆ,୮।୫(ଡି.ଏନ.ଏ.):** ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ଅକ୍ଷୟ ତୃତୀୟା ଓ କୃଷକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ନୂଆସଡ଼କ ନିକଟସ୍ଥ ତାଳଖାଇପୀଠ ନିକଟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ରୂପା ଦଳେଇ, ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥୀ ନନ୍ଦ, ବିଜୁ କୃଷକ ଜନତା ଦଳ ସଭାପତି ସେକ ଅବଦୁଲ ତୟବ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ଆଇନଜୀବୀ ରଘୁନାଥ ଦାଶ, ଧରଣୀଧର ପ୍ରଧାନ, ପାଣି ପଞ୍ଚାୟତ ସଭାପତି ସୁରେଶ ସାହୁ, କୃଷକ ନେତା ସଞ୍ଜୟ ମଲ୍ଲିକ, ଆତ୍ମା ଅଧକ୍ଷ ହରେନ୍ଦ୍ର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ପରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କିପରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସହଯୋଗ ମିଳିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ନିଜିଗଡ଼ସ୍ଥିତ କୃଷି କାର୍ଯ୍ୟାଳୟଠାରେ ତିଗିରିଆ କୃଷି ବିଭାଗ ପକ୍ଷରୁ କୃଷକ ଦିବସ ପାଳିତ ହୋଇଛି। ଆତ୍ମା ଅଧକ୍ଷ ହରେନ୍ଦ୍ର ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି, ସହକାରୀ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦୀପକ ରଞ୍ଜନ ମହାପାତ୍ର, ଉଦ୍ୟାନ କୃଷି ଅଧିକାରୀ ସୋମନାଥ ଧଳ, ସ୍ମରଣିକା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ।

# ସାଟେଲାଇଟ୍ ସିଟି ଅନ୍ଧାର, ମିଳୁନି ପାଣି

**କଟକ ଅଫିସ, ୮।୫**

ବାତ୍ୟା 'ଫନୀ' ତାଣ୍ଡବରେ ଛାର୍‌ଖାର ହୋଇଯାଇଥିବା ବାଣିଜ୍ୟିକ ସହର କଟକର ସ୍ଥିତି କ୍ରମଶଃ ସୁଧୁରିବାରେ ଲାଗିଛି। ସହରର ଅଧିକାଂଶ ସ୍ଥାନକୁ ବିଦ୍ୟୁତ୍ ସରବରାହ ଆରମ୍ଭ ହୋଇଯାଇଥିଲେ ମଧ ଏବେ ବି ସାଟେଲାଇଟ୍ ସିଟି କୁହାଯାଉଥିବା ସିଡିଏର ଅଧିକାଂଶ ଅଞ୍ଚଳ ଅନ୍ଧାର ହୋଇରହିଛି। ସମସ୍ତ ସେକ୍ଟରରେ ବିଦ୍ୟୁତ ସେବା ମିଳି ପାରି ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ସବୁଠୁ ବଳିଯାଇଛି ସେକ୍ଟର-୬ ଅଞ୍ଚଳ। ବୁଧବାର ସମସ୍ୟାରେ ଜର୍ଜରିତ ଏହି ଅଞ୍ଚଳର ବାସିନ୍ଦା ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ। ସ୍ଥାନୀୟ ବାସିନ୍ଦା ଦେବେନ୍ଦ୍ର ସୂତାର, ନାରାୟଣ ସାହୁ, ଅଶୋକ କୁମାର ପଟ୍ଟନାୟକ, ଅଶୋକ କୁମାର ଓ ହଇରାଣପୁର ବସ୍ତି ବାସିନ୍ଦା ତରଫରୁ ଦୀନବନ୍ଧୁ ନାୟକ ପ୍ରମୁଖ ଜିଲାପାଳଙ୍କ ସହ ବିଦ୍ୟୁତ ଓ ପାଣି ସମସ୍ୟା ନେଇ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ବିଭାଗୀୟ ଅବହେଳା ନେଇ ମଧ କେତେକ ଅଭିଯୋଗ କରିଥିଲେ। ଗୁରୁବାର ସମସ୍ୟାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବାସିନ୍ଦା ତଥା ଆଇନଜୀବୀ ଗଦାଧର ସାହୁ କହିଛନ୍ତି।



ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା କଟକ ସିଡିଏ-୬ ଅଞ୍ଚଳର ବାସିନ୍ଦା।

**■ଜିଲାପାଳଙ୍କୁ ଭେଟିଲେ ସେକ୍ଟର-୬ ବାସିନ୍ଦା**

**■ଅବହେଳାକୁ ନେଇ ଅସନ୍ତୋଷ, ଆଜି ଧାରଣା**

ସୂଚନାଥାଉକି, ବାତ୍ୟାରେ ସହରରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ସିଡ଼ିଏ ଅଞ୍ଚଳ। ପ୍ରତି ଗଳିରେ ଗଛ ଉପୁଡ଼ି ପଡ଼ିବା ଫଳରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଏବେ ସ୍ଥାନୀୟ ଲୋକଙ୍କ ସହାୟତାରେ ରାସ୍ତାରୁ ଗଛଗୁଡ଼ିକୁ ଉଠା ସରିଛି। ହେଲେ ଅନ୍ଧାର ସହ ଖାଦ୍ୟ ଓ ପାନୀୟଜଳ ସମସ୍ୟାରେ ଲୋକେ ଘାଣ୍ଟି ହେଉଛନ୍ତି। ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ଥିବା ୫ ବସ୍ତିରେ ଖାଦ୍ୟ, ପାନୀୟ କିମ୍ବା ପଲିଥିନ ଯୋଗାଇ ଦିଆଯାଇ ନ ଥିବା ସ୍ଥାନୀୟ ଲେଶକେ ଅଭିଯୋଗ କରିଛନ୍ତି। ଏହି ବସ୍ତିଗୁଡ଼ିକ ହେଲା ହଇରାଣପୁର, ପେଟାନାଳ ବସ୍ତି, କୃଷକବଜାର ବସ୍ତି, ମହବୀର ବସ୍ତି ଓ ଇମାମ ପଡ଼ା। ସେକ୍ଟର-୭ର ଅବସ୍ଥା ମଧ ଅନୁରୂପ। ସେକ୍ଟର-୯ ବାସିନ୍ଦା ରୀନା ରାୟଙ୍କ କହିବାନୁଯାୟୀ, ବାତ୍ୟା ପରଠାରୁ ଜୀବନ ଦୁର୍ବିସହ ହୋଇପଡ଼ିଲାଣି। ପିଇବା ପାଣି ଅଧିକ ଦାରରେ କିଣିବାକୁ ପଡୁଛି। ସିଡ଼ିଏ ଅଞ୍ଚଳରେ ଅଧିକ ମାତ୍ରାରେ ବରିଷ୍ଠ ନାଗରିକ ମଧ ରୁହନ୍ତି। ଏହି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ସିଡ଼ିଏ ଛାଡ଼ି ଲୋକ ଚାଲିଯିବେ ବୋଲି ସେ କହିଛନ୍ତି।



ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହିତାଧିକାରୀଙ୍କୁ ଅଗ୍ରିମ ଏକ ମାସର ଭତ୍ତା ପ୍ରଦାନ କରୁଛନ୍ତି।

## ନିଶ୍ଚିନ୍ତକୋଇଲିରେ ୧୮୨ ଘର ଭୁଶୁଡ଼ିଛି

**ନିଶ୍ଚିନ୍ତକୋଇଲି,୮।୫(ସ୍ୱ.ପ୍ର.)**

ଫନୀ ମୁକାବିଲା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପରିମଳ, ପାନୀୟ ଜଳ ଓ ଲାଇନ୍ ବିଭାଗ ସମେତ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ତହସିଲଦାର ଜିତେନ୍ଦ୍ର ପାତ୍ର, ବିଡିଓ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରିଲିଫ ନ ମିଳିବା, ପଲିଥିନ ନ ମିଳିବା ଓ ବିଦ୍ୟୁତ୍ ସଂଯୋଗରେ ବିଳମ୍ବ ହେବା ନେଇ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଡିଓ ପ୍ରଧାନ ବ୍ଲକ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଆକଳନର ତଥ୍ୟ ଦେଇଥିଲେ। ତଥ୍ୟ ଅନୁସାରେ, ବ୍ଲକର ୨ଲକ୍ଷ୧୨ହଜାର୫୫୬ ଜଣ ଫନୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୧୦ ହଜାରରୁ ଊର୍ଦ୍ଧ୍ୱ ଗୋରୁଗାଈ ଓ ୧୦ ହଜାର ପକ୍ଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ୧୮୨ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୧୦୨୦୦ ଘର ଆଂଶିକ ଭାଙ୍ଗିଛି। ଏହାପରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଓ କାର୍ଡ ପିଛା ୫୦୦ ଟଙ୍କା ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ହୋଇଥିଲା। ବୈଠକରେ ଅଶୋକ ଓଝା, ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର, ସିଡିପିଓ ଲିଳାବତୀ ସେଠୀ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଏବିଡିଓ ସୁଶାନ୍ତ ରଣା, ଯୋଗାଣ ଅଧିକାରୀ ପ୍ରିତମ ଦାସ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୀଘ୍ର ପଲିଥିନ ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ସେସୁ ଏସ୍‌ଡିଓ ମାନସ ମହାନ୍ତି କହିଛନ୍ତି, ଥାନା, ମେଡିକାଲ, ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇସାରିଛି। ଅନ୍ୟ ସମସ୍ତ ସ୍ଥାନକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ହେବ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ ରାସ୍ତାଘାଟ କ୍ଷୟକ୍ଷତି ଆକଳନର ରିପୋର୍ଟ ଉପସ୍ଥାପନ କରିଥିଲେ।

## ୯ ଅଞ୍ଚଳ ପାଇଁ ୯ ଅଧିକାରୀ ନିଯୁକ୍ତ

**କଟକ ଅଫିସ,୮।୫**

ଫନୀ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ୱତନ୍ତ୍ର ତଦାରଖ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନର ୯ ଜଣ ଅଧିକାରୀଙ୍କୁ ସୁପରଭାଇଜିଂ ଅଫିସର ଭାବେ ଜିଲାର ୯ଟି ଅଞ୍ଚଳ ପାଇଁ ନିଯୁକ୍ତି ମିଳିଛି। ଏହିକ୍ରମରେ ମାହାଙ୍ଗା ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ(ସାଧାରଣ) ବିଜୟ କୁମାର ଖଣ୍ଡାୟତରାୟ, ନିଶ୍ଚିନ୍ତକୋଇଲି ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶ୍ରୀକାନ୍ତ ତରାଇ, ନିଆଳି ଓ କଣ୍ଟାପଡା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, କଟକ ସଦର ପାଇଁ ଓଏଏସ୍ ଅଫିସର ସୁମିତ୍ରା ସରକାର, ସାଲେପୁର ପାଇଁ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଆଠଗଡ, ବଡମ୍ବା, ତିଗିରିଆ, ନରସିଂହପୁର ପାଇଁ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ଟାଙ୍ଗୀ ଓ ଚୌଦ୍ୱାର ପାଇଁ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳୀ ଓ ବାରଙ୍ଗ ବ୍ଲକ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ଅଧିକାରୀମାନେ ସେମାନେ ଦାୟିତ୍ୱରେ ଥିବା ଅଞ୍ଚଳର ପୁନରୁଦ୍ଧାର ଓ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ଦୈନିକ ରିପୋର୍ଟ ପ୍ରତିଦିନ ସନ୍ଧ୍ୟାରେ ଜିଲାପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।

## ଫନୀ କ୍ଷୟକ୍ଷତି ଆକଳନ ପାଇଁ ବୈଠକ

**ଆଠଗଡ଼,୮।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ ଆଠଗଡ଼ ଏନଏସି ଓ ଆଠଗଡ଼ ବ୍ଲକ ଅଧୀନ ୩୪ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଏସବୁ କ୍ଷୟକ୍ଷତିର ଆକଳନ ପାଇଁ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଞ୍ଚଳରେ ବିଦ୍ୟୁତ୍ ସରବରାହର ସଂଯୋଗୀକରଣ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ସଫେଇ, କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ସେବା ସମୟବାୟ ସମିତି ଗୃହ, ସରକାରୀ, ବେସରକାରୀ ଗୃହ, ରାସ୍ତାଘାଟ ଓ ବାସଗୃହ ସମ୍ବନ୍ଧରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ମେମ୍ବରଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, କଟକ ଜିଲାପରିଷଦ ଉପାଧକ୍ଷ ସୁନିଲ୍ ପରିଡ଼ା, ଜିଲାପରିଷଦ ସଭ୍ୟ କେଶବ ଦଳେଇ, ସଭ୍ୟା ଜାନକୀଲତା ନାଏକ, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜନପ୍ରତିନିଧି ଯୋଗଦାନ କରିଥିଲେ। ସେହିପରି ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ କଟକ ଜିଲା ଦାୟିତ୍ୱରେ ଥିବା ବରିଷ୍ଠ ପ୍ରଶାସକ ସଞ୍ଜୀବ ଚୋପ୍ରା, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବାତ୍ୟା ବିପନ୍ନଙ୍କୁ ୩ ଦିନ ମଧରେ ରିଲିଫ୍ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଓ ବାତ୍ୟା ସହାୟତା ରାଶି ୫୦୦ ଟଙ୍କା ପ୍ରତ୍ୟେକ ଡିଲର ପଏଣ୍ଟରେ ବଣ୍ଟନ କରିବା ଏବଂ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଏକମାସର ଅଗ୍ରୀମ ଭିତ୍ତା ସହ ବାତ୍ୟା ସହାୟତା ୫୦୦ ଟଙ୍କା ବଣ୍ଟନ ପାଇଁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ବିଧାୟକ ସ୍ୱାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ପ୍ରଶାସକ ଚୋପ୍ରା ଓ ଜିଲାପାଳ ଅଗ୍ରୱାଲଙ୍କୁ ଅଞ୍ଚଳରେ ଘଟିଥିବା ବିଭିନ୍ନ କ୍ଷୟକ୍ଷତି ସମ୍ବନ୍ଧରେ ସୂଚନା ଦେବା ସହିତ ଏହାର ତୁରନ୍ତ ପଦକ୍ଷେପ ପାଇଁ ଆଲୋଚନା କରିଥିଲେ। ଅପରାହ୍ନରେ ବିଧାୟକ ସ୍ୱାଇଁ ଏନଏସି କାର୍ଯ୍ୟାଳୟରେ ଭତ୍ତା ହିତାଧିକାରୀଙ୍କୁ ଅଗ୍ରୀମ ଏକମାସର ଭତ୍ତା ସହିତ ୫୦୦ଟଙ୍କା ବାତ୍ୟା ସହାୟତା ରାଶି ପ୍ରଦାନ କରିଥିଲେ।

## ଧ୍ୱସ୍ତବିଧ୍ୱସ୍ତ କଟକର ଦୁଇ 'ସଂଗ୍ରହାଳୟ'

**କଟକ ଅଫିସ,୮।୫**

ଇତିହାସର ମୂକସାକ୍ଷୀ କୁହାଯାଉଥିବା ସଂଗ୍ରାହଳୟକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ବାତ୍ୟା ଫନୀ। କଟକର ନୌବାଣିଜ୍ୟ ସଂଗ୍ରହାଳୟ ଏବଂ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ଫନୀର ପ୍ରଭାବରେ ବହୁ କ୍ଷତି ଘଟିଛି। ଯୋବ୍ରା ଛକ ନିକଟସ୍ଥ ନୌବାଣିଜ୍ୟ ସଂଗ୍ରହାଳୟର ପ୍ରଶାସନିକ କାର୍ଯ୍ୟାଳୟ, କ୍ୟାଣ୍ଟିନ, ୱାର୍କସପ ଗ୍ୟାଲେରି ଆଜବେଷ୍ଟସ ଉଡି ଯାଇଥିବା ବେଳେ ଲାଇବ୍ରେରୀ, ୪ଡି ସିଷ୍ଟମ ବିଶିଷ୍ଟ ପ୍ରଦର୍ଶନ ଗ୍ୟାଲେରୀ, ଯୋବ୍ରା ୱାର୍କସପ୍ ଗ୍ୟାଲେରିରେ ପାଣି ପଶି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସଂଗ୍ରହାଳୟର ପ୍ରାୟ ୫୦ପ୍ରତିଶତ କ୍ଷତି ହୋଇଛି। ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରାଯାଇଛି ବୋଲି ସଂଗ୍ରହାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୭ଦିନ ମଧରେ ପୁନରୁଦ୍ଧାର କରାଯାଇ ସାଧାରଣଲୋକଙ୍କ ପାଇଁ ପୁଣି ଥରେ ସଂଗ୍ରହାଳୟ ଖୋଲାଯିବ ବୋଲି ଜଣାପଡିଛି। ସେହିପରି ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟର ଭିତର ବାଉଣ୍ଡରି ଭାଙ୍ଗି ପଡ଼ିଥିବା ବେଳେ ବିଭିନ୍ନ ଗଛ ପଡ଼ି ଗ୍ୟାଲେରି ନଷ୍ଟ ହୋଇଛି। ମଙ୍ଗଳବାରରୁ ସଂଗ୍ରହାଳୟ ଖୋଲା ହୋଇଥିବା ବେଳେ କ୍ଷତି ଘଟିଥିବା ସ୍ଥାନକୁ ପର୍ଯ୍ୟଟକଙ୍କୁ ପଠାଯାଉ ନ ଥିବା ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି।

## ବାଙ୍କୀରେ ପ୍ରମୁଖ ଶାସନ ସଚିବ, ଜିଲାପାଳଙ୍କ ସମୀକ୍ଷା



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

**ବାଙ୍କୀ,୮।୫(ସ୍ୱ.ପ୍ର.):** ଫନୀ ବାତ୍ୟାର ପରବର୍ତ୍ତୀ ମୁକାବିଲା ପାଇଁ ଏକ ସମୀକ୍ଷା ବୈଠକ ବାଙ୍କୀ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଓ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏଥିରେ ଯୋଗଦେଇ ପାନୀୟଜଳ, ବିଦ୍ୟୁତ ସଂଯୋଗ ଓ ବିପନ୍ନଙ୍କୁ ରିଲିଫ୍ ଯୋଗାଣ ଉପରେ ସମୀକ୍ଷା କରିଥିଲେ। ରାସ୍ତା ଅବରୋଧକୁ ହଟାଇ ଗମନାଗମନ ସୁବିଧା କିରବା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାରଠାରୁ ରାଶନକାର୍ଡ ହିତାଧିକାରୀଙ୍କୁ ଚାଉଳ ଓ ଭତ୍ତା ହିତାଧିକାରୀଙ୍କୁ ଅଗ୍ରୀମ ଭତ୍ତା ପ୍ରଦାନ କରିବାକୁ ବିଡିଓ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗାଇଗୋରୁଙ୍କ ମୃତାହତ ସମ୍ପର୍କରେ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ସହ ଅଲୋଚନା କରିଥିଲେ। ଆହତ ଗାଇଗୋରୁଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ କହିଥିଲେ। ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ ସମ୍ପର୍କରେ ବାଙ୍କୀ ଓ ଡମପଡ଼ା ତହସିଲଦାରଙ୍କଠାରୁ ତଥ୍ୟ ସଂଗ୍ରହ କରିବା ସହିତ ଚାଷଜମିର କ୍ଷୟକ୍ଷତି ସମ୍ପର୍କରେ କୃଷି ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବାହାରୁ ଜେନେରେଟର ଆଣି ଜଳଯୋଗାଣ ବ୍ୟବସ୍ଥା କରିବା ଏବଂ ଘରଭଙ୍ଗା ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁ, ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଓ ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କ୍ଷୟକ୍ଷତି ଏବଂ ସହାୟତା ପ୍ରଦାନ ସମ୍ପର୍କରେ ତଥ୍ୟ ପ୍ରଦାନ କିରଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜର ସମୀକ୍ଷା

**କଟକ ଅଫିସ,୮।୫**

ଫନୀ କ୍ଷତିଗ୍ରସ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ପ୍ୟାକେଜର ସମୀକ୍ଷା କରିଛି ପ୍ରଶାସନ। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପାଇଁ ନିଯୁକ୍ତ ସରକାରଙ୍କ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ସମୀକ୍ଷା କରିଥିଲେ। ମୁଖ୍ୟତଃ ବିଡିଓମାନଙ୍କ ମାଧମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ୫୦୦ ଟଙ୍କା ସହ ଅତିରିକ୍ତ କୋଟା ଆକାରରେ ମୁଣ୍ଡ ପିଛା ୫ କିଗ୍ରା ଚାଉଳ ଯୋଗାଣର ସମୀକ୍ଷା କରାଯାଇଥିଲା। ଏହି ହାରରେ ଜିଲାରେ ମୋଟ ୫ ଲକ୍ଷରୁ ଅଧିକ ପରିବାରର ୧୮ଲକ୍ଷ ଲୋକଙ୍କୁ ୯୪ ହଜାର ୮୯୯. ୫୦ କିଗ୍ରା ଚାଉଳ ଯୋଗାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଉକ୍ତ ହିତାଧିକାରୀମାନେ ବୁଧବାରଠାରୁ ଏହି ଯୋଜନାରେ ଉପକୃତ ହେବେ ବୋଲି ସଚିବ ଚୋପ୍ରା ସୂଚନା ଦେଇଛନ୍ତି। ସେହିପରି ଜିଲାରେ ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ସେମାନଙ୍କ ନିୟମିତ ଭତ୍ତା ସହ ଅଧିକ ୧ ମାସର ଭତ୍ତା ସହାୟତା ଯୋଗାଇ ଦିଆଯିବ। କଟକ ସହରାଞ୍ଚଳକୁ ୯ ତାରିଖ ସୁଦ୍ଧା ୯୦ ପ୍ରତିଶତ ଓ ୧୧ ତାରିଖ ସୁଦ୍ଧା ସମସ୍ତ ଅଞ୍ଚଳକୁ ବିଦ୍ୟୁତ ବ୍ୟବସ୍ଥା କରାଯିବାକୁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଞ୍ଚଳର ପମ୍ପିଂ ଷ୍ଟେଶନଗୁଡିକରେ ଲାଗିଥିବା ଜେନେରେଟରଗୁଡିକୁ ପରବର୍ତ୍ତୀ ଅବସ୍ଥାରେ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୭୯ ହେକ୍ଟର ପନିପରିବା, ଫଳଚାଷ କ୍ଷତିଗ୍ରସ୍ତ

**ତିଗିରିଆ,୮।୫(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ତିଗିରିଆ ଅଞ୍ଚଳରେ ବ୍ୟାପକ ପନିପରିବା ସହିତ ବିଭିନ୍ନ ପ୍ରକାରର ଫଳଚାଷ ଉଜୁଡ଼ିଯାଇଛି। ଏପରି କି ଫନୀ ଫଳଚାଷୀଙ୍କ ବର୍ଷକର ରୋଜଗାର ଆଶା ସମ୍ପୂର୍ଣ୍ଣ ଧୂଳିସାତ୍ କରିଦେଇଛି। ତିଗିରିଆ କୃଷି ଓ ଉଦ୍ୟାନ କୃଷି ବିଭାଗ ସୂଚନା ଅନୁସାରେ ବିଭାଗୀୟ ଅଧିକାରୀମାନେ ପ୍ରାଥମିକଭାବେ ଯେଉଁ କ୍ଷୟକ୍ଷତି ଆକଳନ କରିଛନ୍ତି ସେଥିରୁ ବ୍ଲକ ଅଞ୍ଚଳରେ ୧୨୫ ହେକ୍ଟର ଫଳଚାଷ କ୍ଷତିଗ୍ରସ୍ତ ହୋଇଥିବା ୧୫୪ ହେକ୍ଟର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏହି ଆକଳନକୁ ପ୍ରାଥମିକଭାବେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ସମୟରେ କୃଷି, ଉଦ୍ୟାନ କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ଆକଳନ ପରେ କ୍ଷୟକ୍ଷତିର ବାସ୍ତବ ଚିତ୍ର ସ୍ପଷ୍ଟ ହେବ ବୋଲି ସହକାରୀ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି ସୂଚନା ଦେଇଛନ୍ତି। ବ୍ଲକରେ କଦଳୀ, ଆମ୍ବ, ପଣସ, ଲେମ୍ବୁ, କାଜୁ ସହ ଅନ୍ୟାନ୍ୟ ଫଳ ଗଛ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗଛରେ ଭରପୁର ରହିଥିବା ଫଳସବୁ ବାତ୍ୟାରେ ଝଡ଼ିପଡ଼ିବା ଯୋଗୁ ଚାଷୀ ଏବେ ଆର୍ଥିକ ଦୂରାବସ୍ଥା ମଧରେ ଗତି କରିବା ସାର ହୋଇଛି। ଫଳଚାଷୀ ଦୀର୍ଘଦିନ ଧରି ବିଭିନ୍ନ ସାର, ଔଷଧ ଓ ଜଳସେଚନ ଲାଗି ବିନିଯୋଗ କରିଥିବା ହଜାରହଜାର ଟଙ୍କା ନଷ୍ଟ ହୋଇଯାଇଥିବାରୁ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ସେହିପରି ବାତ୍ୟା ପରବର୍ତ୍ତୀଠାରୁ ଦିନକୁ ଦିନ ବିଭିନ୍ନ ପନିପରିବା ଚାଷ କ୍ଷେତରେ ଝାଉଁଳି ଉଜୁଡ଼ି ଚାଲିଛି। ଚାଷୀଙ୍କୁ ଫଳ ଓ ପନିପରିବା ଚାଷର କ୍ଷତିପୂରଣ ସହ ଅନ୍ୟ କୃଷି ଭିତ୍ତିକ ସହଯୋଗ ଯୋଗାଇ ଦେବାକୁ ଦାବି ହୋଇଛି।



ବାତ୍ୟା ଫନୀ ପ୍ରଭାବରେ ଉଜୁଡିଯାଇଥିବା ପରିବା ଫସଲ।



"ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।
-ଲୁଇସ୍ ବ୍ରାଣ୍ଡିସ୍

## ସଂକ୍ଷେପରେ

### ଅଟୋ ଚାଳକ ମୃତ

**ଖୋର୍ଦ୍ଧା ଅଫିସ, ୮।୫:** କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ନାଚୁଣୀ ଛକଠାରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରବି ବାରିକ(୫୦)। ଘର ବାଣପୁର ସହରର ପାଣିସାହିରେ। ବାଣପୁର ପାଣିସାହିର ରବି ମଙ୍ଗଳବାର ରାତିରେ ଓଡି୦୨ଏପି ୩୬୫୭ନଂର ଅଟୋ ଯୋଗେ ଏକ ଭଡା ନେଇ ନାଚୁଣୀ ଯାଇଥିଲେ। ନାଚୁଣୀ ପେଟ୍ରୋଲ ପମ୍ପରେ ତେଲ ପକାଇ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ସାଢ଼େ ୧ଟାରେ ଏକ ଘରୋଇ ବସ ଅଟୋକୁ ଧକ୍କା ଦେବାରୁ ଆହତ ହୋଇଥିଲେ। ରବିଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚାଉଳ ଅଖା ଫେରସ୍ତକୁ ନେଇ ଉତ୍ତେଜନା

**ଖୋର୍ଦ୍ଧା ଅଫିସ, ୮।୫:** ଫନୀ ପାଇଁ ଉଦ୍ଦିଷ୍ଟ ରିଲିଫ ଚାଉଳ ବସ୍ତାର ଅଖା ଫେରାଇବାକୁ ନେଇ ବୁଧବାର ବାଣପୁର ବ୍ଲକର ଭେଟେଶ୍ୱର ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି। ସେହିଭଳି ନନ୍ଦପୁର ପଞ୍ଚାୟତରେ ବସ୍ତାପିଛା ୧୫ ଟଙ୍କା ଲେଖାଏ ଆଦାୟକୁ ନେଇ ଅନୁରୂପ ଉତ୍ତେଜନା ଦେଖାଦେଇଛି। ଖୋର୍ଦ୍ଧା ସହରରେ ବସ୍ତା ପିଛା ୨୦ ଟଙ୍କା ଆଦାୟକୁ ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଛି।

### ରାମାଭିଷେକ ନାଟକ ଉଦ୍ଯାପିତ

**ଟାଙ୍ଗୀ(ଖୋର୍ଦ୍ଧା),୮।୫(ଡି.ଏନ.ଏ.)-** ଦୀର୍ଘ ୭୦ ବର୍ଷର ପରମ୍ପରା ଭାବେ ପ୍ରତିବର୍ଷ କନ୍ଧନୟାଗଡ଼ରେ ଆୟୋଜିତ ରାମାଭିଷେକ ଲୋକ ନାଟକ ବୁଧବାର ଉଦ୍ଯାପିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଆସିଛି। ଏହି ଅବସରରେ ସୀତାବିବାହ, ସୀତା ହରଣ, ବାଳିବଧ, ଲଙ୍କାପୋଡ଼ି, ମହିରାବଣ ବଧ, ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତ ବଧ ଓ ଶେଷରେ ରାବଣ ବଧ ପରିବେଷଣ ହୋଇଥିଲା। କନ୍ଧନୟାଗଡ଼ ନିବାସୀ ଗାୟକ କାଳୁ ଖମାରୀଙ୍କ ନେତୃତ୍ୱରେ ପବିତ୍ର ବେହେରା, ନାରାୟଣ ପ୍ରଧାନ, ସୁଶାନ୍ତ ସ୍ୱାଇଁ, ସୁକେଶ ଜେନା ପ୍ରମୁଖଙ୍କ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ରାମାଭିଷେକ କଳାକାରମାନେ ଗ୍ରାମ ପରିକ୍ରମା କରିଥିଲେ।

### ଡିଛିଣିରେ ୨୪ ପ୍ରହର ନାମଯଜ୍ଞ



**କୃଷ୍ଣପ୍ରସାଦ,୮।୫(ଡି.ଏନ.ଏ.)-** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡିଛିଣି ଗ୍ରାମସ୍ଥିତ ମା' ବୃନ୍ଦାବତୀଙ୍କ ପୀଠରେ ବୁଧବାର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୪ ପ୍ରହର ନାମଯଜ୍ଞ, ଗୀତାଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଓ ହରିଭକ୍ତ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ଗତ ସୋମବାରଠାରୁ ଆରମ୍ଭ ହୋଇଛି। ବଡଅଁଳ, ସାମନ୍ତରାୟପୁର, ଗୋମୁଣ୍ଡିଆ, ପଥରକଟା, ଖଟିଆକୁଦି ଆଦି ଗ୍ରାମର ୧୦ଟି ସଂକୀର୍ତ୍ତନ ଦଳ ଉପସ୍ଥିତ ରହି ନାମ କୀର୍ତ୍ତନ କରୁଛନ୍ତି। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜା କମିଟି ସଭାପତି ନିରଞ୍ଜନ ତରେଇ, ସମ୍ପାଦକ ରତ୍ନାକର ତରେଇ ଏବଂ ଡିଛିଣି ଗ୍ରାମ୍ୟ କମିଟି ବରିଷ୍ଠ ସଦସ୍ୟ କେଦାର ନାଥ ସାହୁ, ଏକାଦଶୀ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ବିଭିନ୍ନ ମଠରୁ ୨୧ଜଣ ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶନିବାର ଉତ୍ସବ ଉଦ୍ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ଉଜୁଡ଼ିଗଲା ଗ୍ରାମ୍ୟ ଜଙ୍ଗଲ

**ବାଲିଅନ୍ତା,୮।୫(ଡି.ଏନ୍.ଏ.)-** ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ରାଜଧାନୀ ଉପକଣ୍ଠସ୍ଥିତ ବାଲିଅନ୍ତା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାରର ହଜାର ହଜାର ଗଛ ଭାଙ୍ଗିଯାଇଛି। ବିଶେଷ ଭାବେ ଜଙ୍ଗଲ ବିଭାଗ ପକ୍ଷରୁ ୬ବର୍ଷ ତଳେ କୁଆଖାଇ ନଦୀକୂଳ ଓ ପୁରୀ ମୁଖ୍ୟ କେନାଲ ପାର୍ଶ୍ୱର ଗ୍ରାମ୍ୟ ଜଙ୍ଗଲ ଉଜୁଡିଯାଇଛି। ନହରକଣ୍ଟାର କୁଆଖାଇ ନଦୀକୂଳରେ ଥିବା ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହୋଇଯାଇଥିବା ବେଳେ ଭୁବନପୁର, ବଇଁଚୁଆ, କଣ୍ଟାପୋଠ, ଇନ୍ଦ୍ରପାଳ ପ୍ରଭୃତି ଗ୍ରାମ ନିକଟରେ ଶୋଭାପାଉଥିବା ଗଛଗୁଡିକ ଉପୁଡି ପଡିଛି।

# ବାତ୍ୟାର ୬ ଦିନ ପରେ ବି ମିଳିଲାନି ପଲିଥିନ୍

- ଭଙ୍ଗା ଘରେ ଗୁଳୁଗୁଳି ସାଙ୍ଗକୁ ବର୍ଷାରେ ବିପନ୍ନ
- ଗାଁରେ କରାଯାଉନି କ୍ଷୟକ୍ଷତିର ସର୍ଭେ

**ଖୋର୍ଦ୍ଧା ଅଫିସ, ୮।୫**



ବାତ୍ୟାରେ ନରଣଗଡ଼ ଗାଁରେ ଭାଙ୍ଗିଯାଇଥିବା ଘର।

ସାମୁଦ୍ରିକ ବାତ୍ୟା ଫନୀ ପରେ ବଢ଼ି ଚାଲିଛି ଖୋର୍ଦ୍ଧା ଜିଲାର ବିପନ୍ନଙ୍କ ଦୁର୍ଦ୍ଦଶା। ଭଙ୍ଗା ଘରେ ରହୁଥିବା ଲୋକେ ବେଶି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଖରା ସାଙ୍ଗକୁ ଗୁଳୁଗୁଳି, କାଳବୈଶାଖୀ ବର୍ଷା ଓ ପବନ ବିପନ୍ନଙ୍କୁ କଲବଲ କରୁଛି। ବାତ୍ୟାର ୬ ଦିନ ବିତିଯିବାକୁ ବସିଥିବାବେଳେ ବିପନ୍ନ ପରିବାରଙ୍କୁ ପଲିଥିନ ଖଣ୍ଡେ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇନାହିଁ। କ୍ଷତିଗ୍ରସ୍ତ ହୋଇଥିବା ଗାଁରେ ସରକାରୀ ବାବୁମାନଙ୍କ ପାଦ ଏ ପର୍ଯ୍ୟନ୍ତ ପଡୁନାହିଁ। ସ୍ଥାନୀୟ ଆରଆଇଙ୍କୁ ସର୍ଭେ ନେଇ ପଚାରିଲେ ଉତ୍ତର ମିଳୁଛି ଫଟୋ ଓ ଭିଜୁଆଲ ଉଠାଇ ଦରଖାସ୍ତରେ ସଂଯୋଗ କରି ଦିଅନ୍ତୁ। ସର୍ଭେ ହେଲା ବେଳେ ଦେଖିବା। ବିପନ୍ନଙ୍କୁ ସହଯୋଗ କରିବା ବଦଳରେ କାମ ଲଦି ଦେବା କେଉଁ ପ୍ରକାରର ସରକାରୀ ନିୟମ ବୋଲି ଏବେ ଗାଁ ଗଣ୍ଡାରେ ଚର୍ଚ୍ଚା ହେଉଛି।

ଫନିର ପ୍ରକୋପଠାରୁ ବଳି ପଡିଛି ବାତ୍ୟା ପରବର୍ତ୍ତୀ ପର୍ଯ୍ୟାୟର ଦୁଃଖ। ଘର ଭାଙ୍ଗି ଯାଇଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ବାତ୍ୟାର ୬ ଦିନ ବିତିଯିବାକୁ ବସିଥିବାବେଳେ ସହାୟତା ଦୂରର କଥା, ଏଯାଏ ଆହା କରିବାକୁ କେହି ପାଖରେ ପହଞ୍ଚି ନାହାନ୍ତି। ଦିନ କେଇଟା ପୂର୍ବରୁ ନେତା, ମନ୍ତ୍ରୀ, ପ୍ରାର୍ଥୀ ଓ ସମର୍ଥକଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ ଗାଁ ଭିତରକୁ ସୁଅ ଛୁଟୁଥିଲା। କିନ୍ତୁ ଭୋଟ ଶେଷ ହେବା ପରେ ବିପଦ ସମୟରେ କେହି ଆସୁନାହାନ୍ତି। ଗାଁର ଅଧିକାଂଶ ଲୋକଙ୍କ ଘର ଭାଙ୍ଗିଯିବା ସହ ଛପର ଉଡି ଯାଇଛି। ତେବେ ଗରିବ, ଖଟିଖିଆ ମଣିଷଙ୍କ ପାଖରେ ଘର ମରାମତି କରିବାକୁ ଟଙ୍କା ନାହିଁ। ବାତ୍ୟା ପରେ ଆଉ କାମ ମିଳୁନି। ଆଗରୁ ଯାହା ସଞ୍ଚୟ ଥିଲା ସେ ସବୁ ଶେଷ ହୋଇଗଲାଣି। ବାତ୍ୟା ଆଶ୍ରୟସ୍ଥଳକୁ ଯାଇ ନ ଥିବାରୁ ରନ୍ଧା କି ଶୁଖିଲା ଖାଦ୍ୟ ମିଳିଲାନି। ବଜାରରେ ପନିପରିବାର ଦର ବଢ଼ି ଚାଲିଥିବାବେଳେ କିଣିବାକୁ ପାଖରେ ଟଙ୍କା ନାହିଁ। ଘରର ମୁଖିଆ କାମକୁ ଯାଉ ନ ଥିବାରୁ ଅଧିକାଂଶ ସମୟ ଘରେ ଚୁଲି ଜଳୁନି। ଆଖପାଖ ବାବୁମାନଙ୍କର ଦୟାରେ ବେଳେ ବେଳେ ବିପନ୍ନଙ୍କୁ ବଞ୍ଚିବାକୁ ପଡୁଛି। ଏତେସବୁ ସତ୍ତ୍ୱେ ବିପନ୍ନମାନଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ୍ ମିଳିନି। ତେବେ ବୁଧବାରଠାରୁ ରିଲିଫ୍ ବଣ୍ଟନ ଆରମ୍ଭ ହେବ ବୋଲି ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳ କହିଥିଲେ। ଜିଲାର କେତେଗୋଟି ଗାଁରେ ରିଲିଫ୍ ବଣ୍ଟନ ଆରମ୍ଭ ହୋଇଛି। ସର୍ଭେ ନ ହୋଇ ରିଲିଫ୍ ବଣ୍ଟନ ହେଉଥିବାରୁ ଅନେକ ବିପନ୍ନ ବାଦ୍ ପଡିଯିବେ ବୋଲି ଭୟ ସଞ୍ଚାର ହେଲାଣି। ତେବେ କ୍ଷତି ନ ହୋଇଥିଲେ ମଧ କେତେଜଣ ବ୍ୟକ୍ତି ବିପନ୍ନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ହାତେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ଉଠିଲାଣି। ଏ ସମ୍ପର୍କରେ ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତ ପଲ୍ଲାସପୁର ଗାଁର ଭୀମସେନ ମୁଦୁଲି କୁହନ୍ତି, ମୋର ୫ ବଖରା ଆଜବେଷ୍ଟସ୍ ଓ ୨ ବଖରା ଚାଳ ଛପର ଉଡିଯାଇଛି। ଆମ ଗାଁକୁ କେହି କର୍ମଚାରୀ ସର୍ଭେ କରିବାକୁ ଆସିନାହାନ୍ତି। ସର୍ଭେ ସମ୍ପର୍କରେ ଆରଆଇଙ୍କୁ ପଚାରିଲେ ଉତ୍ତର ମିଳୁଛି କ୍ଷୟକ୍ଷତି ସମ୍ପର୍କରେ ଫଟୋ ଓ ଭିଜୁଆଲ କରି ଦରଖାସ୍ତ ସହ ଆବେଦନ କରନ୍ତୁ। ଯଦି ସତ୍ୟ ଜଣାପଡେ ତେବେ ତଦନ୍ତ କରାଯାଇ ସରକାରୀ ସହାୟତା ଯୋଗାଇ ଦିଆଯିବ। ଖୋର୍ଦ୍ଧା ବ୍ଲକ ନରଣଗଡ ଗାଁର ସଜନୀ ବେହେରା କୁହନ୍ତି, ମୋର ୨ ବଖରା ଚାଳ ଛପର ଉଡିଯିବା ସହ ଘର ଅଧା ଭଙ୍ଗା ହୋଇରହିଛି। ତେବେ ଏଯାବତ କେହି ତଦନ୍ତ କରିବାକୁ ଆସୁନାହାନ୍ତି। ଖରା ଓ ବର୍ଷାରୁ ରକ୍ଷା ପାଇବାକୁ ଘର ଘୋଡାଇବା ଉଦ୍ଦେଶ୍ୟରେ ପଲିଥିନ୍‌ଟିଏ ମିଳିଲା ନାହିଁ। ପାଖରେ ଟଙ୍କା ନ ଥିବାରୁ ଘର ମରାମତି କରିପାରୁନାହିଁ। ବାତ୍ୟା ପରେ ସୋମବାର କାଳବୈଶାଖୀ ବର୍ଷା ପୁଣି ଘରକୁ ଭାଙ୍ଗି ଦେଇଛି। ଟାଙ୍ଗୀ ବ୍ଲକ ଡିଆ ଗାଁର ନୃସିଂହ ଚରଣ ବାରିକ କୁହନ୍ତି, ବାତ୍ୟା ପରେ ଦୁର୍ଦ୍ଦଶା ବଢ଼ି ଚାଲିଛି। ବିକଳ୍ପ ନ ଥିବାରୁ ଭଙ୍ଗା ଘରେ ପରିବାର ସହ ରହିବାକୁ ପଡୁଛି। ସରକାରଙ୍କର ଘୋଷଣାରୁ ଜଣାପଡୁଛି ସହର ବିପନ୍ନ ଗୁରୁତ୍ୱ ପାଉଛନ୍ତି। ଗାଁର ବିପନ୍ନ ଦୁଃଖ ଦୁର୍ଦ୍ଦଶାରେ ଶତୁଥିଲେ ମଧ ଆମ୍ଭମାନଙ୍କର ଅସୁବିଧା ସରକାର ଓ ପ୍ରଶାସନ ପାଖରେ ଅପହଞ୍ଚ ହୋଇ ରହିଯାଉଛି।

■ ଟାଙ୍ଗୀରେ ଉତ୍କଟ ପାନୀୟଜଳ ସମସ୍ୟା

# ତୁରନ୍ତ ପଦକ୍ଷେପ ଦାବି

**ଟାଙ୍ଗୀ(ଖୋର୍ଦ୍ଧା), ୮।୫(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ ଫନୀ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ବ୍ୟାପକ କ୍ଷୟକ୍ଷତି କରିବା ସହ ଏହାକୁ ଶ୍ରୀହୀନ କରିଦେଇଛି । ବିଶେଷ ଭାବେ ବ୍ଲକର ୨୬ଟି ପଞ୍ଚାୟତରେ ଉତ୍କଟ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଦ୍ୟୁତ୍ ସରବରାହ ବ୍ୟାହତ ଓ ଯାନ୍ତ୍ରିକ ତ୍ରୁଟି ଫଳରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନରେ ନଳକୂପ ମଧ ଅଚଳ ହୋଇପଡ଼ିଛି। ଯେଉଁଠାରେ ବି ନଳକୂପ କାର୍ଯ୍ୟକ୍ଷମ ରହିଛି ସେଠାରେ ପ୍ରବଳ ଭିଡ଼। ଏହି ବ୍ଲକର ଭୂଷଣ୍ଡପୁର, ବାଲିପାଟପୁର, କନ୍ତଲବାଇ, ଉଜଳା ଗୋପୀନାଥପୁର, ସୁନ୍ଦରପୁର ଓ ମଙ୍ଗଳାଯୋଡ଼ି ଇତ୍ୟାଦି ପଞ୍ଚାୟତଗୁଡିକ ଚିଲିକା ଉପକୂଳରେ ଥିବାରୁ ଏଠାରେ ବିଶୁଦ୍ଧ ମଧୁର ଜଳର ସମସ୍ୟା ସର୍ବଦା ଲାଗି ରହିଥାଏ। ବର୍ତ୍ତମାନ ଫନୀ ବୋଝ ଉପରେ ନଳିତା ବିଡ଼ା ସଦୃଶ ମନେହୋଇଛି। ପାନୀୟ ଜଳ ସମସ୍ୟା ଦୂର କରିବାରେ ପ୍ରଶାସନ ବିଫଳ ଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି।



୧୬ ନଂ ଜାତୀୟ ରାଜପଥର ପିତାପଲୀଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ଏକ କାର।

■ ବାତ୍ୟା ପରେ ଜୀବନ ଦୁର୍ବିସହ

# ବଞ୍ଚିବା ପାଇଁ ୩ ପରିବାରର ସଂଘର୍ଷ

**ଖୋର୍ଦ୍ଧା ଅଫିସ, ୮।୫**



କୁନି ମହାପାତ୍ର ଭାଙ୍ଗିଯାଇଥିବା କଚ୍ଚା ଘରକୁ ସଫା କରୁଛନ୍ତି।

ବାତ୍ୟା ଫନୀ ଖୋର୍ଦ୍ଧା ବ୍ଲକ ନରଣଗଡ ଗାଁରେ ବ୍ୟାପକ କ୍ଷୟକ୍ଷତି କରିଛି। ତେବେ ବାତ୍ୟା ପରେ ୩ ପରିବାର ବଞ୍ଚିବା ପାଇଁ ସଂଘର୍ଷ ଜାରୀ ରଖିଥିଲେ ମଧ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ନରଣଗଡ ତଳସାହିର ବୃଦ୍ଧା ଶିରୀ ମହାରଣା(୭୦)। ଦୁଇ ପୁଅ ବିଦେଶରେ। ଘରେ ଶିରୀ କେବଳ ରୁହନ୍ତି। ଚାଲିବାକୁ ଦେହରେ ବଳ ନାହିଁ। ଦିନେ ଖାଇଲେ ଦୁଇ ଦିନ ଉପବାସ। ଏଭଳିସ୍ଥଳେ ଫନୀ ଶିରୀଙ୍କର ଘର ଭାଙ୍ଗି ଦେଇଛି। ଘର ଭାଙ୍ଗିବା ପରେ ଶିରୀ ଅସହାୟ ହୋଇ ପଡିଛନ୍ତି। ପୂର୍ବରୁ ଯେନତେନ ଚଳି ଯାଉଥିଲେ। ଏବେ ଭଙ୍ଗା ଘରେ ଗୁଳଗୁଳି ଓ ବର୍ଷାରେ ଚଳିବା କାଠିକର ପାଠ ହୋଇପଡିଛି ବୋଲି ସେ କାନ୍ଦି କାନ୍ଦି କହିଥିଲେ। ସେହିଭଳି କୁନି ମହାପାତ୍ରଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି। ଆଟୁ ନ ଥିବାରୁ ବାତ୍ୟା ଜଳ ଛପର ଉଡେଇ ଘରର ଉପକରଣ, କାଗଜାତ ସମେତ ସବୁ କିଛି ନଷ୍ଟ କରି ଦେଇଛି। ରୋଷେଇ ଘରେ ଓଦା ସନ୍ତସନ୍ତିଆ ହୋଇ ରହିଥିବାରୁ ଖାଦ୍ୟା ପ୍ରସ୍ତୁତ କରିବା ସମ୍ଭବ ହେଉନାହିଁ। ସବୁ ଘରଗୁଡିକ ଭଙ୍ଗାରୁଜା ହୋଇ ପଡି ରହିଛି। ସେହିଭଳି ବିଷ୍ଣୁ ମହାରଣାଙ୍କର ୨ ଖରା ଘର ଭାଙ୍ଗି ଯାଇଛି। ଆଟୁ ନ ଥିବାରୁ ଘରେ ବାତ୍ୟା ଜଳ ପଶି ସବୁ ଆସବାବାପତ୍ର ନଷ୍ଟ କରିଛି। ଏହି ୩ ପରିବାରକୁ ଏଯାବତ ସରକାରୀ ସହାୟତା ମିଳିନାହିଁ। ସରକାରୀ ସହାୟତାକୁ ଅପେକ୍ଷା କରି ସମ୍ପୃକ୍ତ ପରିବାର ୬ ଦିନ ଅପେକ୍ଷା କରି ସାରିଲେଣି। ତଥାପି ଏହି ୩ ପରିବାର ଉପରେ ପ୍ରଶାସନର ଦୃଷ୍ଟି ପଡୁନି ବୋଲି ୩ ବିପନ୍ନ ଅଭିଯୋଗ କରିଛନ୍ତି।

## ଖୋର୍ଦ୍ଧା ଜିଲାପାଳଙ୍କ ବାଲିଅନ୍ତା ବ୍ଲକ ଗସ୍ତ

**ବାଲିଅନ୍ତା/ ବାଳକାଟୀ, ୮।୫ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆଇଏଏସ୍ ଅଫିସର ଭୂପିନ୍ଦର ସିଂ ପୁନିଆ ପ୍ରଥମଥର ଲାଗି ବୁଧବାର ପୂର୍ବାହ୍ନ ୯ଟାରେ ବାଲିଅନ୍ତା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ୪୫ମିନିଟ ରହି ଫନୀ ପ୍ରଭାବରେ ୧୬ଟି ପଞ୍ଚାୟତରେ କ୍ଷୟକ୍ଷତି ହୋଇଥିବା ବିପନ୍ନଙ୍କୁ କିଭଳି ରିଲିଫ ବଣ୍ଟାଯିବା କାର୍ଯ୍ୟରେ ତ୍ୱରାନ୍ୱିତ କରାଯିବ ସେ ସମ୍ପର୍କରେ ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡିଓ ରଶ୍ମିରେଖା ପ୍ରଧାନ ଓ ବାଲିଅନ୍ତା ବ୍ଲକ ପାଇଁ ଅବସ୍ଥାପିତ ଅତିରିକ୍ତ ଶାସନ ସଚିବ ସୁଧାକର ବର୍ଗ ଓ ଯୁଗ୍ମ ସଚିବ ଦେବାଶିଷ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ରିଲିଫ ସମୀକ୍ଷା ପରେ ବିଡିଓ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ସଚିବ, ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ ଓ ସପ୍ଲାଏ ଇନ୍ସପେକ୍ଟରଙ୍କୁ ନେଇ ଏକ ବୈଠକ ହୋଇଥିଲା। ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସରକାରୀ ଘୋଷଣା କରିଥିବା ୨୦୦୦ଟଙ୍କା ପ୍ରଦାନ କରିବା ପାଇଁ ଜିପିଓ, ପିଇଓ ଓ ଜେଇମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

# ରଥଖଳାରେ କାମ ଆରମ୍ଭ

**ପୁରୀ ଅଫିସ, ୮।୫**

ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ରଥ ନିର୍ମାଣ କାମରେ ଲାଗିପଡ଼ିଛନ୍ତି ମହାରଣା ସେବକ ଏବଂ ଭୋଇ ସେବକ। ଭୋଇ ସେବକମାନେ କାଠ ଯୋଗାଇ ଦେଇଥିବାବେଳେ ବୁଧବାର କରତି ସେବକ କରତରେ କାଠ କାଟିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବାତ୍ୟାରେ ଭାଙ୍ଗି ପଡିଥିବା ରଥଖଳାକୁ ପୁଣି ତିଆରି କରାଯାଇଛି। ମାତ୍ର ବୁଧବାର ସୁଦ୍ଧା ଏହା ଉପରେ ଚାଞ୍ଚ ପକାଯାଇ ପାରି ନ ଥିବା ଜଣାପଡ଼ିଛି।



ରଥ ଖଳାରେ ମହାରଣାମାନେ ତୁମ୍ବି ପାଇଁ କାଠ ଚିରଟ କରୁଛନ୍ତି।

# ବାତ୍ୟା ପରେ ବଦଳୁଛି ସହରର ଚିତ୍ର

**ଖୋର୍ଦ୍ଧା ଅଫିସ, ୮।୫**

ବାତ୍ୟା ପରେ ଲାଲଗଡ ଖୋର୍ଦ୍ଧା ସହରର ଚିତ୍ର ବଦଳିବା ଆରମ୍ଭ ହୋଇଛି। ନୟାଗଡ ରାସ୍ତାର ଇଗଲ କ୍ଲବ ନିକଟରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଉପରେ ବାତ୍ୟା ଯୋଗୁ ପଡି ରହିଥିବା ୨ଟି ବଡ ବରଗଛ କାଟି ସଫା କରାଯାଇଛି। ଏହାଦ୍ୱାରା ଟ୍ରାଫିକ ସମସ୍ୟା ଦୂରୀଭୂତ ହେବା ସହ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ତେବେ ରାସ୍ତାର ଉଭୟପାର୍ଶ୍ୱରେ ଜମା ହୋଇ ରହିଥିବା ଗଛର ଅବଶିଷ୍ଟାଂସ ସଫା କରିବାର ରହିଛି। ଅନ୍ୟପକ୍ଷେ ଶ୍ରୀରାମନଗର ରାସ୍ତାରେ ପଡିଥିବା ବରଗଛକୁ ବୁଧବାର ସନ୍ଧ୍ୟାରେ ଓଡ୍ରାଫ ଟିମ୍ ପହଞ୍ଚି ସଫା କରିଥିଲେ। ସହରର ମଙ୍ଗଳାନଗର, ସମବାୟ ବ୍ୟାଙ୍କ ଛକ, ମାରଓ୍ୱାଡିପଟି ପରି କେତେକ ଅଞ୍ଚଳରେ ବିଦ୍ୟୁତ୍ ଲାଇନ୍ ଜଳିଛି। ତେବେ ବଜାରର କିଛି ଅଂଶକୁ ଛାଡି ଦେଲେ ପୁରୁଣା ଓ ନୂଆ ସହରର ବଜାର, ୱାର୍ଡ ଗୁଡିକ ଅନ୍ଧାରରେ ରହିଛି। ସହରରେ ସଫେଇ ଆରମ୍ଭ ହୋଇଛି। କିନ୍ତୁ ସଫେଇରେ ବାହାରୁଥିବା ଆବର୍ଜନାକୁ ବାତ୍ୟାର ଆବର୍ଜନା ସହ ମିଶାଇ ରଖାଯାଉଛି। ଏଣୁ ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି। ବିଭିନ୍ନ ମୋବାଇଲର ନେଟୱାର୍କ ଆସିଛି। କିନ୍ତୁ ଅଧିକାଂଶ ସମୟକାମ କରୁନି। ସବୁବେଳେ ବ୍ୟସ୍ତ ରହୁଛି। ପୁଣି ସହରରେ ପାଣି ସମସ୍ୟା ଲାଗି ରହିଥିବା ବେଳେ ଏବେବି ଶ୍ରୀରାମନଗର, ଗଡଖୋର୍ଦ୍ଧା ପରି ବିଭିନ୍ନ ଅଞ୍ଚଳରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡି ରହିଛି।



ଖୋର୍ଦ୍ଧା ଶ୍ରୀରାମ ନଗରରେ ଭାଙ୍ଗିଯାଇଥିବା ବରଗଛକୁ ରାସ୍ତାରୁ ଓଡ୍ରାଫ ଟିମ୍ କାଟୁଛନ୍ତି।

# ଶିରି ହରାଇଛି ଶ୍ରୀବିହାର

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ୍, ୮।୫**



ଶ୍ରୀବିହାରରେ ଆକାଉଣ୍ଟ ସେକ୍ଶନ ଭାଙ୍ଗିରୁଜି ଯାଇଛି।



ଗବେଷଣା କେନ୍ଦ୍ରର ଭିଜିଯାଇଥିବା ବହିକୁ ଶୁଖାଯାଉଛି।

**୨୫ କୋଟିର କ୍ଷତି**
- ଭାଙ୍ଗିଛି ବହୁ କୋଠା, ଉଜୁଡ଼ିଛି ସବୁଜିମା
- ଶତାଧିକ ପୁସ୍ତକ, ପୋଥି, ରେକର୍ଡପତ୍ର ନଷ୍ଟ

ବାତ୍ୟା ଫନୀରେ ଛାରଖାର ହୋଇଯାଇଛି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଶ୍ରୀ ବିହାର)। କ୍ୟାମ୍ପସ ପରିସରରେ ଥିବା ଶତାଧିକ ବଡ ଗଛ, ଝାଉଁ ଗଛ ନଷ୍ଟ ହୋଇଛି। ସେହିପରି ୨୩ଟି କୋଠା ପ୍ରଭାବିତ ହୋଇଛି। ଏଥିରେ ୮ଟି ବିଭାଗ ରହିଛି। ପ୍ରଶାସନିକ କୋଠା, ଲାଇବ୍ରେରୀ, ପ୍ରାର୍ଥନା ଗୃହ, ପରୀକ୍ଷା ଗୃହ, ଏକାଉଣ୍ଟ ସେକ୍ସନ, ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ଜିମ୍ନାଷ୍ଟିକ କକ୍ଷ, ୨ ଛାତ୍ରାବାସ, ଗବେଷଣା କେନ୍ଦ୍ର ସମେତ ସମସ୍ତ କୋଠା କ୍ଷତିଗ୍ରସ୍ତ ହୋଇଛି। ମୋଟ ୨୫କୋଟି ଟଙ୍କାର କ୍ଷୟକ୍ଷତି ଘଟିଥିବା କୁଳପତି ପ୍ରଫେସର ରାଧାମାଧବ ଦାଶ ବୁଧବାର ସୂଚନା ଦେଇଛନ୍ତି। କ୍ଷୟକ୍ଷତି ରିପୋର୍ଟ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି ବୋଲି କୁଳପତି ଦାଶ କହିଛନ୍ତି।

ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ରଙ୍କ ସୂଚନା ଅନୁଯାୟୀ, ପରୀକ୍ଷା ବିଭାଗର ବହୁ ରେକର୍ଡପତ୍ର, ସାର୍ଟିଫିକେଟ ନଷ୍ଟ ହୋଇଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ପରୀକ୍ଷା ଅନିର୍ଦ୍ଦିଷ୍ଟ କାଳ ଲାଗି ଘୁଞ୍ଚାଇ ଦିଆଯାଇଛି। ସେହିପରି ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ମହାପାତ୍ର କହିଛନ୍ତି, ରେଜିଷ୍ଟ୍ରାର କାର୍ଯ୍ୟାଳୟର ବ୍ୟାପକ କ୍ଷତି ଘଟିଛି। ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ପାଣି ପଶି ବହୁ ରେକର୍ଡପତ୍ର ନଷ୍ଟ ହୋଇଛି। ଲାଇବ୍ରେରୀ ତତ୍ତ୍ୱାବଧାରକ ପ୍ରଫେସର ପ୍ରଳୟ ନନ୍ଦ କହିଛନ୍ତି, ୧୯୯୨ରେ ତତ୍କାଳୀନ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ବି.ଏମ୍.ବିରଳା ଗ୍ରନ୍ଥାଗାର ନାମରେ ନାମିତ ଏହି ଗ୍ରନ୍ଥାଗାରରେ ୭୦ହଜାରରୁ ।ରହିଛି। ବାତ୍ୟା ପ୍ରଭାବରେ ପ୍ରାୟ ୨୦ରୁ ୩୦ହଜାର ପାଠ୍ୟ ପୁସ୍ତକ ନଷ୍ଟ ହୋଇଛି। ଚାରିପଟ ଝରକା, କବାଟ ଭାଙ୍ଗିପଡ଼ିଛି। ଲାଇବ୍ରେରୀରେ ପାଣି ଓ ବାଲି ପଶିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରହିଥିବା ଗବେଷଣା କେନ୍ଦ୍ରରେ ମଧ କ୍ଷୟକ୍ଷତି ଘଟିଛି ବୋଲି କହିଛନ୍ତି ପ୍ରଫେସର କମଳେଶ ମିଶ୍ର। ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସଂକ୍ରାନ୍ତୀୟ ବହୁ ମୂଲ୍ୟବାନ ପୁସ୍ତକ ଏଠାରେ ରହିଛି। ବାତ୍ୟା ଫନୀ ସବୁ ଉଜାଡି ଦେଇଛି ବୋଲି ସେ କହିଛନ୍ତି। ବାତ୍ୟା ପରଦିନ ଅର୍ଥାତ ୪ତାରିଖରେ ଗବେଷଣା ଅଧିକାରୀ ଡ. ନିରଞ୍ଜନ କର ଏବଂ କେତେଜଣ ଛାତ୍ରଙ୍କ ସହାୟତାରେ ବହୁ ମୂଲ୍ୟବାନ ପୁସ୍ତକ ଉଦ୍ଧାର କରାଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା କହିଛନ୍ତି ଯେ, ବାତ୍ୟାରେ ଶତାଧିକ ଝାଉଁ ଓ ବଡ ଗଛ ପଡ଼ିଯାଇଛି। ବିଶ୍ୱବିଦ୍ୟାଳୟର ସବୁଜିମା ଛିନ୍‌ଭିନ୍ ହୋଇଯାଇଛି। ୨୦୦୮ ଜୁଲାଇ ୭ତାରିଖରେ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସରେ ୧ଲକ୍ଷ ୫୦ହଜାର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇଥିଲା। ବାତ୍ୟାରେ ପାଣି ଟାଙ୍କି ଭୁଶୁଡ଼ିପଡ଼ିଛି।

